ଓଡ଼ିଶାରେ ଯେତିକି କପା ଉତ୍ପାଦନ ହେଉଛି ତାର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ କେବଳ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା ଓ ନୂଆପଡା ଜିଲାରେ ଉତ୍ପାଦନ ହେଉଛି। ବୌଦ୍ଧ, ବରଗଡ ଓ ସୁବର୍ଣ୍ଣପୁର ଜିଲାର କପା ଉତ୍ପାଦନକୁ ମିଶାଇଲେ ଓଡ଼ିଶାର ୯୭ପ୍ରତିଶତରୁ ଅଧିକ ଅମଳ ହେଉଛି। ବଲାଙ୍ଗୀର ଜିଲାରେ ୭୦୯୯୮ ହେକ୍ଟର, କଳାହାଣ୍ଡିରେ ୭୧୪୦୭, ରାୟଗଡାରେ ୪୯୪୭୩, ନୂଆପଡାରେ ୧୯୫୫୦, ବୌଦ୍ଧରେ ୭୨୮୫, ବରଗଡରେ ୫୮୨୫ ଏବଂ ସୁବର୍ଣ୍ଣପୁରରେ ୫୫୫୩ ହେକ୍ଟର ଜମିରେ କପାଚାଷ ହେଉଛି। ଏହି ଅଞ୍ଚଳରୁ ଉତ୍ପାଦିତ କପା ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥିବାରୁ ଜାତୀୟ ଏବଂ ବିଶ୍ୱସ୍ତରରେ ଏହାର ଚାହିଦା ରହିଛି। ଖାଲି ଏତିକି ନୁହେଁ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ବରଗଡ଼, ନୂଆପଡ଼ା ଓ ସୁବର୍ଣ୍ଣପୁର ଜିଲାରେ ଓଡିଶାର ପ୍ରାୟ ୯୦ ପ୍ରତିଶତ ଜିନିଂ ମିଲ୍ ମଧ୍ୟ ରହିଛି। ଏହାସହିତ ଏହି ଅଞ୍ଚଳରେ ରହିଛି ପର୍ଯ୍ୟାପ୍ତ ମାନବ ସମ୍ବଳ। ଜମି, ବିଦ୍ୟୁତ୍ ଏବଂ ଯାତାୟାତ ସୁବିଧା ମଧ୍ୟ ଭରପୂର ରହିଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଏହି ଅଞ୍ଚଳରେ ଏ ପର୍ଯ୍ୟନ୍ତ ଗୋଟିଏ ବି ଟେକ୍ସଟାଇଲ ପାର୍କ, ବୟନ କ୍ଲଷ୍ଟର, ଟେକ୍ନୋ କି ଆପାରାଲ ପାର୍କ ପ୍ରତିଷ୍ଠା ହୋଇନାହିଁ। ଓଡ଼ିଶା ଟେକ୍ସଟାଇଲ କନକ୍ଲେଭ ୨୦୨୫ରେ ୭୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା କୁହାଯାଇଥିଲା। ଟେକ୍ସଟାଇଲ ପାର୍କ ଏବଂ ଆପାରାଲ ୟୁନିଟ୍ ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଉକ୍ତ କନକ୍ଲେଭରେ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଓ ଭଦ୍ରକରେ ଦୁଇଟି ଟେକ୍ସଟାଇଲ ଏବଂ ଫୁଟୱେର ପାର୍କ ଲୋକାର୍ପଣ ମଧ୍ୟ କରିଥିଲେ। ଇତିମଧ୍ୟରେ ଖୋର୍ଦ୍ଧା ଓ କଟକ ଜିଲାରେ ଏକାଧିକ ଟେକ୍ସଟାଇଲ ଏବଂ ଆପାରାଲ ୟୁନିଟ୍ ପ୍ରତିଷ୍ଠା ହୋଇଥିବା ଜଣାପଡିଛି। ଗତ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ସୋନପୁର ଗସ୍ତରେ ଆସିଥିବା ବେଳେ ବଲାଙ୍ଗୀର ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିଶ୍ଚିତ ବୋଲି କହିଥିଲେ ମଧ୍ୟ କେବେ ସୁଦ୍ଧା ପ୍ରତିଷ୍ଠା ହେବ ସେନେଇ ନିର୍ଦ୍ଦିଷ୍ଟ ସମୟସୀମା କହି ନ ଥିଲେ। ଚଳିତମାସ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ଗସ୍ତରେ ଯାଇ ସେଠାରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କରିଛନ୍ତି। ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବରଗଡ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ପ୍ରତିବର୍ଷ ଲକ୍ଷାଧିକ ଶ୍ରମିକ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଏହି ଅଞ୍ଚଳ ଅନଗ୍ରସର ରହିଛି। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ କପା, ଉପଯୁକ୍ତ ଭିତ୍ତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ରହିଥିଲେ ସୁଦ୍ଧା ନିଯୁକ୍ତିଭିତ୍ତିକ ଟେକ୍ସଟାଇଲ କ୍ଲଷ୍ଟର ପ୍ରତିଷ୍ଠାରେ କାହିଁକି ବିଳମ୍ବ କରାଯାଉଛି ଜଣାପଡୁନାହିଁ। ଏ ନେଇ ନାନା ସନ୍ଦେହ ଉପୁଜୁଛି। ବଲାଙ୍ଗୀରରେ ଟେକ୍ସଟାଇଲ ପ୍ରକଳ୍ପ ପ୍ରତିଷ୍ଠା ନ ହେବା ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ବଲାଙ୍ଗୀର ଜିଲାରୁ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ବିଧାୟକ ରହିଛନ୍ତି। ଏହି ପ୍ରକଳ୍ପ ବିଳମ୍ବକୁ ନେଇ ସେମାନଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ଏବେ ଆଲୋଚନାର ବିଷୟ ହୋଇଛି।

# ପାଣି ପାଇଁ ରାଜପଥ ଅବରୋଧ

**ପରଜଙ୍ଗ,୧୭।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ଗ୍ରାମ ଦଳିତ ସାହିରେ ଲୋକମାନେ ଦୀର୍ଘ ୧୦ ଦିନ ହେଲା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି କି ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳେ ବଡ଼ଝରା ଗ୍ରାମ ନିକଟସ୍ଥ ୫୩ନଂ. ଜାତୀୟ ରାଜପଥକୁ ଶତାଧିକ ମହିଳା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରା, ପୋଲିସ, ପାନୀୟଜଳ ☞ପୃଷ୍ଠା–୩


11001/20/2526

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ସୂଚନା**

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଚଳିତ ବର୍ଷ ୧୮.୦୨.୨୦୨୬ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି।

ପରୀକ୍ଷାକୁ ସ୍ୱଚ୍ଛତା ଓ ନିରପେକ୍ଷତା ସହିତ ପରିଚାଳନା କରିବା ନିମନ୍ତେ ପରିଷଦ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମୟରେ ସ୍ଥଳ ବିଶେଷରେ ବିଭ୍ରାନ୍ତିକର ମିଥ୍ୟା ଖବର ନଜରକୁ ଆସିଥାଏ । ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସେଥିରେ ପ୍ରଭାବିତ ବା ବିଚଳିତ ନ ହେବାକୁ ପରାମର୍ଶ ଦିଆଯାଉଛି । ତତ୍‌ସହିତ ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାର ଗୁଜବ ରଟନା ନ କରିବାକୁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ମଧ୍ୟ ସତର୍କ କରାଇଦିଆଯାଉଅଛି।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି।

ମୃଣାଳକାନ୍ତି ଦାସ,
ଅଧ୍ୟକ୍ଷ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ,
ଓଡ଼ିଶା, ଭୁବନେଶ୍ୱର

OIPR-11001/11003/2/25-26/0001


# ୪୬ ପଇସା ପାଇଁ ୫ ହଜାର ଦଣ୍ଡ

## ଚୁକ୍ତିଠାରୁ ଅଧିକ ମୂଲ୍ୟ ନେବା ମହଙ୍ଗା ପଡ଼ିଲା

**ଜଗତ୍‌ସିଂହପୁର, ୧୭।୨**
**(ପ୍ରମୋଦ କୁମାର ନାୟକ)**

ଚୁକ୍ତିଠାରୁ ଗ୍ରାହକଙ୍କ ପାଖରୁ ଅଧିକ ୪୬ ପଇସା ନେବା ଶୋ'ରୁମ୍ ମାଲିକଙ୍କ ପାଇଁ ମହଙ୍ଗା ପଡ଼ିଛି। ଖାଉଟି ବିବାଦ ପ୍ରତିକାର ଆୟୋଗ ତାଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ତଅାଁରା ଗ୍ରାମରେ ଏହି ଘଟଣା ଘଟିଛି।

ଏହି ଗ୍ରାମର ରମେଶ ଚନ୍ଦ୍ର ରାଉତ(୪୭) ୨୦୨୪ରେ ସ୍ଥାନୀୟ ସେଣ୍ଟ୍ରାଲ ମାର୍କେଟ୍‌ସ୍ଥିତ କାଞ୍ଚନ ମୁରଲୀ ହୋଣ୍ଡାରେ ତାଙ୍କ ବାଇକ୍ ସାଇଲେନ୍ସର ବଦଳାଇଥିଲେ। କିନ୍ତୁ ହୋଣ୍ଡା ଶୋ'ରୁମ୍ ପକ୍ଷରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନିଆଯାଇଥିବା ଅଭିଯୋଗ କରି ସ୍ଥାନୀୟ ଖାଉଟି ବିବାଦ ପ୍ରତିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାରକରି ଆୟୋଗ ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ କାଞ୍ଚନ ମୁରଲୀ ହୋଣ୍ଡା ଶୋ'ରୁମ୍‌କୁ ଚୁକ୍ତିଠାରୁ ଅଧିକ ନେଇଥିବା ୪,୨୭୯ ଟଙ୍କା ସହ ବିବାଦ ଖର୍ଚ୍ଚ ୧ ହଜାର ଦେବାକୁ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪୫ ଦିନ ଭିତରେ ଏହି ଟଙ୍କା ଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ରାଉତଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ରାଜ୍ୟ ଉପଭୋକ୍ତା ମହାସଂଘ (ଉପଭୋକ୍ତା ସୁରକ୍ଷା ଅଭିଯାନ, ଓଡ଼ିଶା) ସମ୍ପାଦକ ଗୋବିନ୍ଦ ଓଝା କହିଛନ୍ତି, ଅଭିଯୋଗ ଅନୁଯାୟୀ, ବାଇକ୍(ନଂ.ଓଡି ୨୧କେ–୯୭୩୪)ର ସାଇଲେନ୍ସର ବଦଳାଇବା ପାଇଁ ସେ ଉପରୋକ୍ତ ଶୋ'ରୁମ୍‌ରେ ୨୦୨୪ ଜୁଲାଇ ୭ରେ ପହଞ୍ଚିଥିଲେ। ଶୋ'ରୁମ୍ ପକ୍ଷରୁ ୮ ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିଲା। ଏହାପରେ ତାଙ୍କଠାରୁ ଅଗ୍ରିମ ୩ ହଜାର ନିଆଯାଇ ରସିଦ୍(ସଂଖ୍ୟା ୨୭୨୦୪) ଦିଆଯାଇଥିଲା। ୭ ଦିନ ମଧ୍ୟରେ ଆସି ସାଇଲେନ୍ସର ଲଗାଇ ନେବାକୁ ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ୭ ଦିନ ପରେ ସେ ବାରମ୍ବାର ହୋଣ୍ଡା ଶୋ'ରୁମ୍ ଯାଇ ନିରାଶ ହୋଇଥିଲେ। ୨୦୨୪ ଅଗଷ୍ଟ ୭ରେ ସାଇଲେନ୍ସର ଲଗାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ୮ ହଜାର ପରିବର୍ତ୍ତେ ୧୨,୨୭୮.୫୪ ଟଙ୍କାର ବିଲ୍ ଦିଆଯାଇଥିଲା, ଯେଉଁଥିରେ କି ଅଗ୍ରିମ ଦିଆଯାଇଥିବା ୩ ହଜାର ବାଦ୍ ଦେଇ ଅବଶିଷ୍ଟ ☞ପୃଷ୍ଠା–୩


ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଫେବୃଆରୀ ୧୮ ତାରିଖ ଠାରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ।

ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ପରୀକ୍ଷା ପାଇଁ ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-11001/11003/2/25-26/0002

11001/22/2526

ବାର୍ତ୍ତା

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ନିମନ୍ତେ ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ସେମାନଙ୍କର ସଫଳତା କାମନା କରୁଛି । ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପରିଶ୍ରମ ଓ ଆତ୍ମବିଶ୍ୱାସ ତୁମମାନଙ୍କୁ ସଫଳତା ଆଣିଦେବ । ପରୀକ୍ଷାର ସମସ୍ତ ବାଧାକୁ ଦୂର କରି କଠିନ ଅଧ୍ୟବସାୟ ବଳରେ ତୁମେମାନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ।

ଏହି ଶୁଭ ମୁହୂର୍ତ୍ତରେ ପରୀକ୍ଷା ପରିଚାଳନା ନିମନ୍ତେ ସମ୍ପୃକ୍ତ ସମସ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ଜିଲ୍ଲା ପ୍ରଶାସନ ଓ ପୋଲିସର ସହଯୋଗ କାମନା କରୁଛି।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

## ମ୍ୟୁଲ୍ ଆକାଉଣ୍ଟ ଜରିଆରେ ୫୮ ଲକ୍ଷ ଠକେଇ



ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

- ଧରାପଡ଼ିଲେ ୪ ସାଇବର ଅପରାଧୀ
- ବିଭିନ୍ନ ବ୍ୟାଙ୍କର ଚେକ୍, ପାସବୁକ୍, ଏଟିଏମ୍ କାର୍ଡ ଓ ଦାମୀ କାର୍ ଜବତ

ବାଲେଶ୍ୱର,୧୭।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସାଇବର ଥାନା ପୋଲିସ ମଙ୍ଗଳବାର ଏକ ବଡ଼ ଧରଣର ଠକେଇର ପର୍ଦ୍ଦାଫାଶ କରିଛି। ମ୍ୟୁଲ୍(ଅନ୍ୟଜଣଙ୍କ ନାଁରେ ଆକାଉଣ୍ଟ ଖୋଲି ବେଆଇନ ଭାବେ ଆର୍ଥିକ ପରିଚାଳନା) ଆକାଉଣ୍ଟ ଜରିଆରେ ୫୮ ଲକ୍ଷର ସାଇବର ଠକେଇ ହୋଇଥିଲା। ଏହି ଘଟଣାରେ ସାଇବର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୪୯ଟି ଚେକ୍, ୧୪୭ଟି ଏଟିଏମ୍ କାର୍ଡ, ୪ଟି ବ୍ୟାଙ୍କ ପାସବୁକ୍, ଗୋଟିଏ ଦାମୀ କାର୍ ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଗାୟତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିରୀହ ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସମ୍ପୃକ୍ତ ଆକାଉଣ୍ଟ ପରିଚାଳନା କରୁଥିଲେ। ଏସବୁ ଆକାଉଣ୍ଟ ଜରିଆରେ ବିଭିନ୍ନ ଲୋକଙ୍କଠାରୁ ୫୮ ଲକ୍ଷ ଟଙ୍କା ସାଇବର ଠକେଇ କରିଥିଲେ। ଅଭିଯୁକ୍ତମାନଙ୍କୁ ସାଇବର ଥାନା ପୋଲିସ ଖାସପଡ଼ା ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖାସପଡ଼ା ଅଞ୍ଚଳର ଗୌତମ କୁମାର ଦାସ, ରବୀନ୍ଦ୍ର କୁମାର ମାଝି, କାର୍ତ୍ତିକ ସିଂ ଓ ଦୀନବନ୍ଧୁ ବେହେରା। ଏନେଇ ବାଲେଶ୍ୱର ସାଇବର ଥାନାରେ ମାମଲା (ନଂ. ୧୨/୨୬) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ବଡ଼ ର‌୍ୟାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଇବର ଥାନା ଆଇଆଇସି ମୀନା ବିଶ୍ୱାଳ ଉପସ୍ଥିତ ଥିଲେ।

## ୨୭ ସିମ୍‌କାର୍ଡ ଜବତ, ଅଭିଯୁକ୍ତ ଗିରଫ

ଲଖନପୁର,୧୭।୨(ଗୌତମ ସାହୁ)

ବେଆଇନ ଭାବେ ସିମ୍‌କାର୍ଡ ବିକ୍ରି କରିବା ଘଟଣାରେ ଝାରସୁଗୁଡ଼ା ଜିଲା ରେଙ୍ଗାଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ରେଙ୍ଗାଲି ଥାନା ଅଧୀନ ଗୁଡାବଗା ଗ୍ରାମର ପୁରୁଷୋତ୍ତମ ଗଡ଼ିଆ। ତାଙ୍କ ନିକଟରୁ ୨୭ଟି ସିମ୍‌କାର୍ଡ, ଏକ ବାୟୋମେଟ୍ରିକ୍ ଡିଭାଇସ ଏବଂ ୩ଟି ମୋବାଇଲ ଜବତ କରାଯାଇଥିବା ନେଇ ମଙ୍ଗଳବାର ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ୪୯ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପୁର ଛକରେ ଥିବା ଏକ ମୋବାଇଲ ଦୋକାନରେ ବେଆଇନ ଭାବେ ଅନ୍ୟଙ୍କ ସିମ୍ ବିକ୍ରି ହେଉଥିଲା। ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଦୋକାନ ପକ୍ଷରୁ ବିକ୍ରି କରାଯାଇଥିବା ଏକ ସିମ୍‌କାର୍ଡ ସାଇବର ଠକେଇ ମାମଲାରେ ବ୍ୟବହାର କରାଯାଇଥିବା ନେଇ ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ଏହି ସିମ୍‌କାର୍ଡ ଦ୍ୱାରା ପ୍ରାୟ ୧୪ ଲକ୍ଷ ୯୯ ହଜାର ୬୦୦ ଟଙ୍କା ଠକେଇ ହୋଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ହୋଇପାରିଲାନି ଚାର୍ଜଫ୍ରେମ୍, ୨୪ରେ ପରବର୍ତ୍ତୀ ଶୁଣାଣି

### ପୀତବାସ ପଣ୍ଡା ହତ୍ୟା ମାମଲା

### ପୁଣି ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତିହେଲେ ବିକ୍ରମ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲାଜଜ୍-୩ଙ୍କ କୋର୍ଟରେ ଚାଲିଛି। ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଅସୁସ୍ଥତା ଏବଂ ପୋଲିସ ପକ୍ଷରୁ ଦାଖଲ ସିଡିର ଡକ୍ୟୁମେଣ୍ଟକୁ ନେଇ ଏକାଧିକ ପିଟିଶନ ଦାଖଲ ହୋଇଥିବାରୁ ମଙ୍ଗଳବାର କୋର୍ଟରେ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇପାରିନାହିଁ। ସେହିପରି ୫ଜଣ ଅଭିଯୁକ୍ତଙ୍କ ପକ୍ଷରୁ ଦାଖଲ ଜାମିନ ପିଟିଶନର ମଧ୍ୟ ଶୁଣାଣି ହୋଇପାରିନାହିଁ। ଆସନ୍ତା ୨୪ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି କାଳୀଚରଣ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ମଙ୍ଗଳବାର ରାତିରେ ବିକ୍ରମ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଅସୁସ୍ଥତା କାରଣରୁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ସୋମବାର ଜୋର୍‌ଜବରଦସ୍ତି ଡିସ୍‌ଚାର୍ଜ କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ



ବିକ୍ରମ ପଣ୍ଡା

ପିଟିଶନ ଦାଖଲ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ, ପୋଲିସ ଓ ଜେଲ ପ୍ରଶାସନ ବିକ୍ରମଙ୍କୁ ଏମ୍‌କେସିଜିରୁ ଜୋର ଜବରଦସ୍ତି ଡିସଚାର୍ଜ କରି ଜେଲକୁ ନେଇଯାଇଥିବା କୁହାଯାଇଥିଲା। ବିକ୍ରମ ଅପରେଶନ ପାଇଁ ପ୍ରସ୍ତୁତ ଥିଲେ ବି ତାଙ୍କୁ ଡିସଚାର୍ଜ କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଜେଲ ଭିତରେ ଥିବା ବିକ୍ରମଙ୍କୁ ଭୁବନେଶ୍ୱରର କୌଣସି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅନୁମତି ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଏହା ଜାଣିବା ପରେ ଜଜ୍ ଉକ୍ତ ପିଟିଶନକୁ ଗ୍ରହଣ କରି ଜେଲ ଭିତରକୁ ଯାଇ ଅପରେଶନ ପାଇଁ ବିକ୍ରମଙ୍କ ସହମତିପତ୍ର ଆଣିବାକୁ ଓକିଲ ଦୀପକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୀତବାସ ହତ୍ୟା ମାମଲାର ତଦନ୍ତ ବେଳେ ଯେଉଁ କାଗଜପତ୍ର ଓ ସାମଗ୍ରୀ ଜବତ ହୋଇଥିଲା ତାହାର ଠିକ ଡକ୍ୟୁମେଣ୍ଟ କୋର୍ଟରେ ପୋଲିସ ଦାଖଲ କରିନାହିଁ। ତେଣୁ ସେଗୁଡ଼ିକ ଠିକ ଭାବେ ପ୍ରଦାନ ପାଇଁ ଏକ ପିଟିଶନ ଦାଖଲ କରାଯାଇଥିଲା ବୋଲି ଆଇନଜୀବୀ ପଟ୍ଟନାୟକ କହିଛନ୍ତି। ସେହି ପିଟିଶନର ଶୁଣାଣି କରି ଆସନ୍ତା ୨୪ ତାରିଖ ମଧ୍ୟରେ ପ୍ରତିପକ୍ଷଙ୍କୁ ଠିକ୍ ଡକ୍ୟୁମେଣ୍ଟ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ସେହିକ୍ରମରେ ମାମଲାରେ ଅଭିଯୁକ୍ତ ଥିବା ୫ ଜଣ ଯଥା ସୁନୀଲ ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ଶିଶୁପାଳ ପାଣ୍ଡ୍ୱାନଙ୍କ ଜାମିନ ଶୁଣାଣି ହୋଇପାରି ନଥିଲା। ମଙ୍ଗଳବାର ଶୁଣାଣି ବେଳେ ଜେଲରେ ଥିବା ସମସ୍ତ ଅଭିଯୁକ୍ତ ଆଭାସୀରେ ଯୋଗ ଦେଇଥିଲେ। ବିକ୍ରମ ଜେଲ ଭିତରେ ଥିବା ମେଡିକାଲରେ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଆଭାସୀରେ ହାଜର କରାଯାଇ ନ ଥିଲା।

## ପୋଲିସକୁ ଚକ୍‌ମା ଦେଇ ଖସିଗଲେ ଅଭିଯୁକ୍ତ, ୨ କନ୍‌ଷ୍ଟେବଲ ନିଲମ୍ବିତ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଉଠାଇ ନେଇଥିଲା ପୋଲିସ

ଭଦ୍ରକ,୧୭।୨(ସନାତନ ରାଉତ)

ଭଦ୍ରକ ଜିଲା ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌ଠାରେ ମଙ୍ଗଳବାର ସକାଳେ ପୋଲିସକୁ ଚକ୍‌ମା ଦେଇ ଜଣେ ଅଭିଯୁକ୍ତ ଖସିଯାଇଛନ୍ତି। ଏହି ଘଟଣାକୁ ନେଇ ଟାଉନ ଥାନା କନ୍‌ଷ୍ଟେବଲ କମଳାକାନ୍ତ ସିଂ ଓ ରିଜର୍ଭ ବାରାକ୍‌ର କନ୍‌ଷ୍ଟେବଲ ରମାକାନ୍ତ ବେହେରାଙ୍କୁ ଏସ୍‌ପି ମନୋଜ ରାଉତ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ୪ ଦିନ ତଳେ ଭଦ୍ରକ କଲେଜ ପଡ଼ିଆରେ ୨ଜଣ ଯୁବତୀଙ୍କୁ କାର୍‌ରେ ଯାଉଥିବା ଭଦ୍ରକ ନାଥସାହିର କେତେଜଣ ଯୁବକ କମେଣ୍ଟ ମାରିଥିଲେ। ସେମାନଙ୍କୁ ଫେରିବା ବାଟରେ ଅଟକାଇ ଭଦ୍ରକ ଜଗନ୍ନାଥପୁରର ଦୀପକ ଡାକୁଆ ଓ ତାଙ୍କ ସହଯୋଗୀମାନେ ପଚାରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ସହ ହାତାହାତି ହୋଇଥିଲା। ଟାଉନ ପୋଲିସ ପହଞ୍ଚି ମାମଲା ରଫାଦଫା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୀପକ ଏକ ପାର୍ଲରରେ ବସିଥିବା ବେଳେ କିଛି ସମୟ ପରେ ସେହି କାର୍‌ରେ ଯୁବକମାନେ ପୁନର୍ବାର ଆସି ତାଙ୍କୁ ଆକ୍ରମଣ କରିବା ସହ ଗାଡ଼ିରେ ଉଠାଇ ନେଇଥିଲେ। କାର୍‌ରେ ନେବା ବେଳେ ତାଙ୍କୁ ମାଡ଼ ମାରିବା ସହ ନାଥସାହି ପେଟ୍ରୋଲ ପମ୍ପ ନିକଟ ବିଲକୁ ନେଇ ନିର୍ଘାତ ମାଡ଼ ମାରିଥିଲେ ବୋଲି ଦୀପକ କହିଛନ୍ତି। ଜଣେ ବ୍ୟକ୍ତି ତାଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରି ଏକ ସ୍କୁଟି ଯୋଗେ ସେହି ସ୍ଥାନରୁ ପଠାଇ ଦେଇଥିଲେ। ପରେ ପରିବାର ଲୋକ ଦୀପକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଦୀପକଙ୍କ ମା’ ସୁଲୋଚନା ଡାକୁଆଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୧୨୩/୨୬) ରୁଜୁ ହୋଇଛି। ପୋଲିସ ଘଟଣା ଦିନ ନାଥସାହିର ଆଶିଷ ନାଥଙ୍କୁ ଗିରଫ କରିଥିବା ବେଳେ ସୋମବାର ରାତିରେ ସ୍ମୃତିରଞ୍ଜନ ନାଥଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ବିଷୟରେ ପଚରାଉଚରା କରିବା ପାଇଁ ସ୍ମୃତିରଞ୍ଜନଙ୍କୁ ସକାଳେ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌କୁ ନିଆଯାଇଥିଲା। ତାଙ୍କୁ ୨ କନ୍‌ଷ୍ଟେବଲ ଜଗିଥିବା ବେଳେ ସେ କୌଶଳକ୍ରମେ ଖସି ଯାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବାରିପଦା,୧୭।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଖଡ଼ିଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବୁଧ ଦେହୁରୀ(୪୩)। ପୋଲିସ ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ଦେହୁରୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୨୬) ରୁଜୁହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀ,ସ୍ୱାମୀଙ୍କ ମଧ୍ୟ ରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ବୁଧଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

## ଲୁହାପଥର ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

ଯୋଡ଼ା,୧୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ପଳଶା ସଂରକ୍ଷିତ ଜଙ୍ଗଲରେ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଲୋଡର ମେଶିନ, ଲୁହାପଥର ବୋଝେଇ ଟ୍ରକ୍, ସ୍କର୍ପିଓ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋଟୁପାଲି ଗ୍ରାମର ଲୋଡର ମାଲିକ ମହେନ୍ଦ୍ର ବେହେରା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ପଳଶା ସଂରକ୍ଷିତ ଜଙ୍ଗଲରେ ଖଣିଜ ଚୋରମାନେ ଏକ ୧୬ ଚକିଆ ଟ୍ରକ୍‌ରେ ଲୋଡର ମେଶିନ ସହାୟତାରେ ଲମ୍ପସ ଲୁହାପଥର ବୋଝେଇ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ଚଢ଼ାଉ କରିଥିଲା। ଏକ ଟ୍ରକ୍ (ନଂ. ୟୁପି ୪୪ ବିଟି ୨୯୪୧), ସ୍କର୍ପିଓ (ନଂ. ଓଡି ୦୯ ଭି ୨୦୫୮) ଓ ଲୋଡର ମେଶିନ (ନଂ. ଓଡି ୦୯ ଇ ୧୪୧୦)କୁ ଜବତ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଲୋଡର ମାଲିକଙ୍କୁ ଗିରଫ କରିଥିଲା। ଟ୍ରକ୍‌ରେ ପ୍ରାୟ ୩୬ ମେଟ୍ରିକ ଟନ୍ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା। ଚୋରା କାରବାରରେ ଏକାଧିକ ଖଣିଜ ଚୋରା ବ୍ୟବସାୟୀ ସମ୍ପୃକ୍ତ ଥିବା ପୋଲିସ





ଜବତ ଟ୍ରକ।

ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବାମେବାରି ଥାନା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି। ତେବେ ପ୍ରଥମ ଥର ପୋଲିସ ଅନୁସନ୍ଧାନ କରି ଚୋରା କାରବାରରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଗିରଫ କରିଥିବାରୁ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଏ ନେଇ ବାମେବାରି ଥାନାରେ ଏକ ମାମଲା(ନଂ.୩୬/୨୦୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

BUSINESS

## ଏଆଇ ଇମ୍ପାକ୍ଟ ସମିଟ୍‌ରେ ଓଡ଼ିଶା ପାଭିଲିୟନ

### ଭାରତ ଏଆଇ ଇମ୍ପାକ୍ଟ ସମିଟ୍

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଭାରତମଣ୍ଡପମଠାରେ ଚାଲିଥିବା ‘ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ୨୦୨୬’ରେ ଏକ ସ୍ୱତନ୍ତ୍ର‘ଓଡ଼ିଶା ପାଭିଲିୟନ’ ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ନିଜର ଦୂରଦୃଷ୍ଟି ଓ ପ୍ରସ୍ତୁତି ପ୍ରଦର୍ଶନ କରୁଛି। ଓଡ଼ିଶା ପାଭିଲିୟନ ରାଜ୍ୟର ‘ଓଡ଼ିଶା – ଏଆଇ ଟୁ ଇମ୍ପାକ୍ଟ’ ଆଭିମୁଖ୍ୟକ ଉପସ୍ଥାପନ କରୁଛି। ଏଥିରେ ଓଡ଼ିଶା ପ୍ରଶାସନ, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା,





ବିପର୍ଯ୍ୟୟ ପରିଚାଳନା ଏବଂ ସହରାଞ୍ଚଳ ଭିତ୍ତିଭୂମି କ୍ଷେତ୍ରରେ ଏଆଇର ବାସ୍ତବିକ ପ୍ରୟୋଗ କରୁଛି, ତାହା ପ୍ରଦର୍ଶିତ ହେଉଛି। ଏହା ଏକ ସୁସଂଗଠିତ କାର୍ଯ୍ୟକାରୀ ମଡେଲ ଏବଂ ସାଂସ୍ଥାନିକ ଦକ୍ଷତା ଦ୍ୱାରା ପରିଚାଳିତ। ଏହି ଶିଖର ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ ହେଉଛି ‘ସର୍ବମ’ ସହ ଓଡ଼ିଶାର ରଣନୈତିକ ସହଭାଗିତା। ଏହା ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତା ବିକଶିତ କରିବା, ବ୍ୟାପକ ସ୍ତରରେ ଓଡ଼ିଆ ଭାଷାଭିତ୍ତିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗକୁ ସକ୍ଷମ କରିବା ଏବଂ ଉନ୍ନତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଓ କ୍ଷେତ୍ରରେ ଦୀର୍ଘକାଳୀନ ଲକ୍ଷ୍ୟ ସହ ଓଡ଼ିଶାକୁ ଏକ ଉଦୀୟମାନ ଏଆଇ ହବ୍‌ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟର ସଂକଳ୍ପକୁ ପ୍ରତିଫଳିତ କରୁଛି। ଏହି ପାଭିଲିୟନରେ ୧୦ରୁ ଅଧିକ ଇନୋଭେଶନ ଷ୍ଟାର୍ଟଅପ ଏବଂ ଇକୋସିଷ୍ଟମ ସଂସ୍ଥା ପ୍ରଦର୍ଶିତ ହେଉଛି, ଯେଉଁଥିରେ ଆପ୍ଲାଏଡ୍ ଏଆଇ ଷ୍ଟାର୍ଟଅପ, ଗବେଷଣା ପ୍ରତିଷ୍ଠାନ, ଟେକ୍ନୋଲୋଜି ପାର୍ଟନର ଏବଂ ସରକାରୀ ଏଆଇ ପଦକ୍ଷେପର ମିଶ୍ରଣ ରହିଛି।

## ଦକ୍ଷିଣ-ପୂର୍ବ ରେଳପଥ ପାଳିଲା ୭୦ତମ ରେଳ ସପ୍ତାହ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥ କୋଲକାତାସ୍ଥିତ ମୁଖ୍ୟାଳୟ ଗାର୍ଡେନ ରିଚ୍‌ରେ ୭୦ତମ ରେଳ ସପ୍ତାହ ତଥା ବିଶିଷ୍ଟ ରେଳ ସେବା ପୁରସ୍କାର ଉତ୍ସବ ପାଳନ କରିଛି। ଦକ୍ଷିଣ-ପୂର୍ବ ରେଳପଥର ମହାପରିଚାଳକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ମହାପରିଚାଳକ ସୌମିତ୍ର ମଜୁମଦାର, ବରିଷ୍ଠ ଉପ ମହାପରିଚାଳକ ସୁରିନ୍ଦର ପାଲଙ୍କ ସମେତ ସମସ୍ତ ପ୍ରଧାନ ବିଭାଗୀୟ ମୁଖ୍ୟ ଏବଂ ୪ ଡିଭିଜନର ଡିଭିଜନାଲ ରେଳ ପରିଚାଳକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷରେ ବିଶିଷ୍ଟ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ୮୧ଜଣ ନିର୍ବାଚିତ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ୩୫ଜଣ ରେଳ





କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର-୨୦୨୪ ଏବଂ ୩୭ଜଣଙ୍କୁ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମଗ୍ର ଦକ୍ଷତା ଶିଲ୍ଡ ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଦ୍ରା ଡିଭିଜନକୁ ପ୍ରଦାନ କରାଯାଇଥିଲା। ଅନ୍ୟ ବିଭିନ୍ନ ବର୍ଗରେ ମଧ୍ୟ ଡିଭିଜନ ଓ ୱାର୍କଶପଗୁଡ଼ିକୁ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଥିଲା। ମୋଟ ୩୩ଟି ଦକ୍ଷତା ଶିଲ୍ଡ ବିଭିନ୍ନ ଡିଭିଜନ ଓ ୟୁନିଟ୍‌କୁ ଦିଆଯାଇଛି। ଟାଟାନଗର ରେଳଷ୍ଟେଶନକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ଷ୍ଟେଶନ ଭାବରେ ମନୋନୀତ କରାଯାଇଛି। ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ପର୍ଯ୍ୟନ୍ତ ଦକ୍ଷିଣ-ପୂର୍ବ ରେଳପଥ ୧୭୧ ମିଲିୟନ ଟନ ଭଣ୍ଡାର ଲୋଡିଂ ହାସଲ କରିଛି ଏବଂ ଏହି ସମୟରେ ଆୟ ୧୫,୭୦୮ କୋଟି ରହିଛି। ଏହି ଅବଧିରେ ଦକ୍ଷିଣ-ପୂର୍ବ ରେଳପଥ ପ୍ରାୟ ୧୮.୬ କୋଟି ଯାତ୍ରୀ ବହନ କରିଛି ଏବଂ ପ୍ରାରମ୍ଭିକ ଯାତ୍ରୀ ଭଡ଼ା ଆୟ ୨,୪୭୪ କୋଟି ଟଙ୍କା ହୋଇଛି।

## ଏଲ୍‌ପିୟୁର ୧୫ ଅତ୍ୟାଧୁନିକ ଏଆଇ ଉଦ୍ଭାବନ ପ୍ରଦର୍ଶିତ



ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଲଭ୍‌ଲି ପ୍ରୋଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ଛାତ୍ର ଓ ଗବେଷଣା ଦଳ ଦ୍ୱାରା ବିକଶିତ ୧୫ଟି ଏଆଇ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷା, କୃଷି, ରୋବୋଟିକ୍ସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି, ଆକ୍ସେସିବିଲିଟି ଏବଂ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ଉପରେ କେନ୍ଦ୍ରୀଭୂତ। ଏଲ୍‌ପିୟୁର ଛାତ୍ରମାନେ ହାର୍ଡୱେର୍ ଡିଜାଇନ, ଏଣ୍ଟରପ୍ରାଇଜ ପ୍ଲାଟ୍‌ଫର୍ମ, ଡିଜିଟାଲ ସହଯୋଗ ଏବଂ ସହାୟକ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ରହିଛି ଦି ଆପ୍ଲିକେବଲ – ଏକ ବ୍ରାଉଜର୍ ଆଧାରିତ ଇଲେକ୍ଟ୍ରୋନିକ୍ସ ଡେଭେଲପମେଣ୍ଟ ପ୍ଲାଟ୍‌ଫର୍ମ, ଜେନୋମା ସ୍ପେସ୍- ନୋ-କୋଡ୍ ଏବଂ ପ୍ରୋ-କୋଡ୍ ୱର୍କଫ୍ଲୋ ସମର୍ଥିତ ଏଆଇ ମଡେଲ ବିଲ୍ଡିଂ ପରିବେଶ, ଏକ୍ସାନର୍- ଆର୍ଥିକ ଏବଂ ଆନାଲିଟିକ୍ସ ଏକୀକରଣ କରିଥିବା ଏଆଇ ଆଧାରିତ ବ୍ୟବସାୟ ପରିଚାଳନା ସମାଧାନ ଏବଂ ମ୍ୟାକ୍ସିଜ – ଶିକ୍ଷାଗତ ସହଯୋଗ ଏବଂ ଛାତ୍ର ସମୁଦାୟକୁ ସମର୍ଥନ କରୁଥିବା ଡିଜିଟାଲ ପ୍ଲାଟ୍‌ଫର୍ମ। ଏଲ୍‌ପିୟୁର ପ୍ରତିଷ୍ଠାତା ଚାନ୍ସେଲର ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବଳ ଆର୍ଥିକ ବୃଦ୍ଧି ନୁହେଁ, ସମାନତା ଏବଂ ସ୍ଥାୟିତ୍ୱରେ ମଧ୍ୟ ଯୋଗଦାନ କରିବା ଉଚିତ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଭଳି ପ୍ଲାଟ୍‌ଫର୍ମ ଗବେଷକ ଏବଂ ଛାତ୍ର ଉଦ୍ଭାବକମାନଙ୍କ ପାଇଁ ସହଯୋଗ ଏବଂ ବିଶ୍ୱସ୍ତରୀୟ ଏକ୍ସପୋଜର ପ୍ରଦାନ କରୁଛି।

## ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍

ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍‌ରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ଫ୍ରିଡମ ତେଲ କମ୍ବୋ ଅଫର ଆକର୍ଷଣୀୟ ଦରରେ ମିଳୁଥିବା ବେଳେ ୫ ଲିଟର ସନ୍‌ଫ୍ଲାୱାର ଜାର୍ ଉପରେ ଦେଢ଼ଶହ ଗ୍ରାମର ମେସ୍ୱାକ୍ ଟୁଥ୍‌ପେଷ୍ଟ ମାଗଣା ରହିଥିବା ବେଳେ ୫ଲିଟର ରାଇସ୍‌ବ୍ରାନ୍ ତେଲ କିଣିଲେ ଗୋଟିଏ ବାଲ୍ଟି ମାଗଣା ରହିଛି। ଏଥିସହ ସୋରିଷ





ତେଲର ରିୟୁଜଏବଲ ଜାର୍ ଉପଲବ୍ଧ ରହିଛି ବୋଲି ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ଅଶୋକ କୁମାର ସାହୁ, ସୌମ୍ୟରଞ୍ଜନ ନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ରହିଛନ୍ତି।

## ୩,୦୦୦ ଛାତ୍ରଙ୍କ ସହ ଆଲୋଚନାକଲେ ଅଶ୍ୱିନୀ

ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ୟୁବଏଆଇ ହ୍ୟାକାଥନରେ ଅଂଶଗ୍ରହଣ କରିଥିବା ୩,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସହ ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରମାନେ ଡୋମେନ-ଆଧାରିତ ଏବଂ ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସମାଧାନ ପ୍ରଦର୍ଶନ କରିଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଶକ୍ତିଶାଳୀ ଉପକରଣ ଯାହା ସମସ୍ତେ ବ୍ୟବହାର କରିପାରିବେ। ଏହା ଦୈନନ୍ଦିନ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ବ୍ୟକ୍ତିଗତ ତଥା ସମୁଦାୟଗତ ଆବଶ୍ୟକତା ଅନୁଯାୟୀ ସମାଧାନ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି , ଏହି ସମିଟ୍ ବିଶ୍ୱସ୍ତରରେ ବ୍ୟାପକ ଆଗ୍ରହ ଆକର୍ଷଣ କରିଛି। ଏହାର ପ୍ରାୟ ୧୭ ବିଲିୟନ ଡଲାରର ଭେଞ୍ଚର କ୍ୟାପିଟାଲ ଫଣ୍ଡିଂ ଏବଂ ୨୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର ନିବେଶର ପ୍ରତିଶ୍ରୁତି ପ୍ରକାଶ ପାଇଛି। ଏହା ଭାରତର ଏଆଇ ଇକୋସିଷ୍ଟମ ପ୍ରତି ବିଶ୍ୱର ଉଚ୍ଚସ୍ତରୀୟ ଆଗ୍ରହକୁ ପ୍ରତିଫଳିତ କରୁଛି। ଦେଶରେ ବିଶ୍ୱର ସବୁଠାରୁ ବଡ଼ ଏଆଇ ସମିଟ୍ ଆୟୋଜନ କରାଯିବା ଭାରତର ବିଶ୍ୱସ୍ତରୀୟ ଏଆଇ ଆନ୍ଦୋଳନରେ ବଢ଼ୁଥିବା ପ୍ରତିଷ୍ଠାକୁ ପ୍ରମାଣ କରୁଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଡିଜିଟାଲ ଠକଙ୍କ ଟାର୍ଗେଟରେ ବରିଷ୍ଠ ନାଗରିକ

### ଡିଜିଟାଲ ପେମେଣ୍ଟ ସୁରକ୍ଷା ପାଇଁ ସତର୍କକଲା ଏନ୍‌ପିସିଆଇ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଡିଜିଟାଲ ପେମେଣ୍ଟ ବରିଷ୍ଠ ନାଗରିକମାନଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆଣିଛି। ଗ୍ରୋସେରି, ଔଷଧ କିଣିବା ଓ ଯାତାୟାତ ବୁକିଂକୁ ସହଜ କରିଛି। ନଗଦ ଟଙ୍କା ନେବାକୁ ପଡୁ ନ ଥିବାରୁ ଏହା ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରୁଥିବା ବେଳେ ଚୋରିର ଆଶଙ୍କା କମ୍ କରିଛି। ପ୍ରତିଟି ପେମେଣ୍ଟର ତଥ୍ୟ ରହୁଛି। ତେବେ ଡିଜିଟାଲ ପେମେଣ୍ଟ ବଢ଼ିବା ସହ ଡିଜିଟାଲ ଠକମାନେ ଠକେଇ କରିବାକୁ ଉଦ୍ୟମ କରୁଛି। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି। ଠକମାନେ ଆପଣାଇଥିବା ଏକ ପ୍ରମୁଖ ପଦ୍ଧତି ହେଉଛି ଡିଜିଟାଲ ଆରେଷ୍ଟ ଯେଉଁଥିରେ ମିଛ ମାମଲାରେ ଫସାଇ ଓ ଚାପଗ୍ରସ୍ତକରି ବରିଷ୍ଠ ନାଗରିକମାନଙ୍କଠାରୁ ଗୋପନୀୟ ବ୍ୟକ୍ତିଗତ ତଥ୍ୟ ହାସଲ କରିବାକୁ ଉଦ୍ୟମ କରାଯାଉଛି। ଏଭଳି ପରିସ୍ଥିତିରେ ଏନ୍‌ପିସିଆଇ ବରିଷ୍ଠ ନାଗରିକମାନଙ୍କୁ ସତର୍କ କରିଛି। ସରକାର କିମ୍ବା କୌଣସି ସରକାରୀ ଏଜେନ୍ସି କେବେ ତଦନ୍ତ ପାଇଁ ଫୋନ୍ ଓ ଭିଡିଓ କଲ୍‌ରେ ଟଙ୍କା ମାଗନ୍ତି ନାହିଁ। ନିବେଶ ଠକେଇ ସାଇବର ଠକଙ୍କ ପାଇଁ ଆଉ ଏକ ଅସ୍ତ୍ର ହୋଇଛି। ଏଥିରେ ଠକମାନେ ଆର୍ଥିକ ବିଶେଷଜ୍ଞ ଭାବେ ନିଜକୁ ଏକ ଲୋକପ୍ରିୟ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଅଧିକ ରିଟର୍ନ ପାଇବାର ଲୋଭ ଦେଖାଇ ଠକିବାକୁ ଉଦ୍ୟମ କରନ୍ତି। କୌଣସି ନିବେଶ ପ୍ରସ୍ତାବ ଅତି ଭଲ ଲାଗିଲେ ତେବେ ତାହା ଠକେଇ ହୋଇଥାଇପାରେ ବୋଲି ଏନ୍‌ପିସିଆଇ ସୂଚାଇଛି। ଫିସିଂ ଓ ଭିସିଂ ସ୍କାମ୍ ଯେଉଁଥିରେ ଇମେଲ୍, ମେସେଜ ଓ କଲ୍ ଜରିଆରେ ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଓଟିପି ଓ ଅନ୍ୟାନ୍ୟ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଠକମାନେ ଉଦ୍ୟମ କରନ୍ତି। ଟେକ୍ ସପୋର୍ଟ ସ୍କାମ୍ ଜରିଆରେ ନିର୍ଦ୍ଦିଷ୍ଟ ଫାଇଲ ଡାଉନଲୋଡ୍ କରିବାକୁ ବରିଷ୍ଠ ନାଗରିକମାନଙ୍କୁ ପ୍ରବର୍ତ୍ତାଇ ଠକେଇ କରିବାକୁ ଉଦ୍ୟମ କରାଯାଏ। ରିଫଣ୍ଡ ଓ ପେମେଣ୍ଟ ଲିଙ୍କ୍ ମାଧ୍ୟମରେ ମଧ୍ୟ ଠକେଇ କରିବାକୁ ଉଦ୍ୟମ ହେଉଛି। କେବେବି ୟୁପିଆଇ ପିନ୍, ଓଟିପି, ପାସ୍‌ୱାର୍ଡ, ବ୍ୟାଙ୍କ ବିବରଣୀ ଓ ଲଗ୍ ଇନ୍ ବିବରଣୀ କାହାକୁ ଦିଅନ୍ତୁ ନାହିଁ। ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ ଓ ଅଜଣା ଆପ୍ ଇନ୍‌ଷ୍ଟଲ କରନ୍ତୁ ନାହିଁ। ଅଜଣା ଲୋକଙ୍କ ସହ ସ୍କ୍ରିନ୍ ଶେୟାର କରନ୍ତୁ ନାହିଁ।

# ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ୩ଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବର ସରବରାହ ସଂସ୍ଥା ଏଏନ୍ଆଇକୁ ସ୍ୱତନ୍ତ୍ର ସାକ୍ଷାତ୍କାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି ।**

## ଏଏନ୍ଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତ୍କାର

**ଏଏନ୍ଆଇ :** ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥ୍‌ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହାର ମୂଳମନ୍ତ୍ର ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' । ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଓ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

**ପ୍ରଧାନମନ୍ତ୍ରୀ:** ଆଜି ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ଠିକ୍ ମାର୍ଗଦର୍ଶନ କରା ନ ଯାଏ, ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ, ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି' ହେବା ଉଚିତ। ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ। ଏହି ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ। ଏଆଇ ସିଷ୍ଟମ୍‌ଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ। ତେଣୁ ଆମେ ଚାହୁଁଛୁ, ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନ ରହୁ। ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି, ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶକୁ ପ୍ରାଥମିକତା ଦେଉଛି। ଏଆଇ ଶାସନ, ସମାବେଶୀ ଡାଟାସେଟ, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ଉପଲବ୍ଧତା ଆମ ପାଇଁ ସୀମିତ ପ୍ରସଙ୍ଗ ନୁହେଁ, ବରଂ ସେଗୁଡ଼ିକ ମୁଖ୍ୟ ପ୍ରସଙ୍ଗ । ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବକେନ୍ଦ୍ରିକ ରହି ବିଶ୍ୱବିକାଶକୁ ତ୍ୱରାନ୍ୱିତ କରିବା ଉଚିତ।

**ଏଏନ୍ଆଇ :** ଆପଣ ସବୁବେଳେ ସଶକ୍ତୀକରଣ ଓ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖୀ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି ହେବା ସହ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ।

**ଏଏନ୍ଆଇ :** ପ୍ୟାରିସ୍‌ରେ ଏଆଇ ଆକ୍ସନ ଶିଖର ସମ୍ମିଳନୀ ୨୦୨୫ ଅଭିଭାଷଣରେ ଆପଣ ଏଆଇର ପକ୍ଷପାତିତା ଓ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ ଭାବୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇରେ ପକ୍ଷପାତିତା ଓ ସୀମାବଦ୍ଧତାକୁ ନେଇ ଚିନ୍ତା ଗଭୀର ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମ୍‌ଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡ଼ିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଓ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି।

**ଏଏନ୍ଆଇ:** ଆଧାର ଓ ୟୁପିଆଇ ଭଳି କମ୍ ମୂଲ୍ୟର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ। ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ ସାଉଥ୍‌କୁ ସାହାଯ୍ୟ କରିପାରିବ ?

**ପ୍ରଧାନମନ୍ତ୍ରୀ:** ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନ ଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ। ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଞ୍ଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା।

**ଏଏନ୍ଆଇ:** ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

**ପ୍ରଧାନମନ୍ତ୍ରୀ:** କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଓ ଉଦ୍ୟୋଗ ଶକ୍ତି ଅଛି। କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ। ଏହା ଡାଟା ସେଣ୍ଟର ଏବଂ କ୍ଲାଉଡ୍ ଭିତ୍ତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପ୍ୟୁଟ୍ କ୍ଷମତାକୁ ମଜଭୁତ କରେ।

**ଏଏନ୍ଆଇ:** ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି, ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଓ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ । ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ଆହ୍ୱାନ ଉପସ୍ଥାପନ କରିଥାଏ । ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ ଆଧାରିତ ଅଟୋମେଶନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ।

**ଏଏନ୍ଆଇ:** ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖିଛୁ। ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିପାରିବା ?

**ପ୍ରଧାନମନ୍ତ୍ରୀ:** ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ପ୍ରୋତ୍ସାହନକାରୀ। ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ। ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ, ତାହା ଉପରେ ବିତର୍କ କରୁଛନ୍ତି। ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି। ଡିପଫେକ୍ ଭିଡିଓ ବୃଦ୍ଧି ଯୋଗୁଁ ଏହି ସୁରକ୍ଷା ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଛି।

**ଏନଏଆଇ:** ଏଆଇ ସେମାନଙ୍କର ଚାକିରି ଛଡ଼ାଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି। ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ। ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି। ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି। ସେଥିପାଇଁ ଆମେ ଏଆଇଚାଳିତ ଭବିଷ୍ୟତ ପାଇଁ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ନିବେଶ କରୁଛୁ। ସରକାର ବିଶ୍ୱର ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ ଆରମ୍ଭ କରିଛନ୍ତି।

**ଏଏନ୍ଆଇ:** ଆପଣଙ୍କ ନେତୃତ୍ୱରେ ଭାରତ ୪ଜି-୫ଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି। ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

**ପ୍ରଧାନମନ୍ତ୍ରୀ:** ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ଆଧାରିତ। ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ, ବରଂ ଏହାକୁ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତୀକରଣ ଏବଂ ନବସୃଜନ। ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ, ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ।

# ସୀମାନ୍ତରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୭।୨(ସୁଚିତ୍ରା ଦାସ/ ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଏବଂ ପୁନର୍ବାସ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ଭାଙ୍ଗିପଡୁଥିବା ମାଓବାଦୀ ସଙ୍ଗଠନରୁ ମୁହଁ ଫେରାଇ ସେମାନେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ପୁନର୍ବାସ ନୀତିର ଲାଭ ଦିଆଯିବ ଏବଂ ତୁରନ୍ତ ସହାୟତା ଆକାରରେ ୫୦ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ଚୌହାନ କହିଛନ୍ତି। ସୁକ୍‌ମା ପୋଲିସ ନିକଟରୁ ମିଳିଥିବା ତଥ୍ୟାନୁଯାୟୀ, ସୁକ୍‌ମା ଜିଲାରେ ନିରନ୍ତର ମାଓବାଦୀ ବିରୋଧୀ ଅଭିଯାନ, ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା, ସଡକ ସଂଯୋଗକୁ ସୁଦୃଢ଼ କରିବା ଏବଂ ବିକାଶ ପ୍ରକଳ୍ପର ବୃଦ୍ଧି ଯୋଗୁ ମାଓବାଦୀ ସଙ୍ଗଠନ ପ୍ରଭାବ ଦୁର୍ବଳ ହେଉଛି। ଛତିଶଗଡ଼ରେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ଘନ ଘନ ଅପରେଶନ ଚାଲିଥିବାବେଳେ ଏଥିରେ ଭୟଭୀତ ଓ ନିଜର ଜୀବନ ବଞ୍ଚାଇବାକୁ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ଏହା ସହ ବିଗତ ଦିନରେ ଅନେକ ବଡ଼ବଡ଼ ମାଓବାଦୀଙ୍କ ମୃତ୍ୟୁ ଓ ଆତ୍ମସମର୍ପଣ ସଙ୍ଗଠନକୁ ଦୁର୍ବଳ କରିଛି। ଫଳରେ ଅନ୍ୟ ମାଓବାଦୀମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପାଣି ପାଇଁ ରାଜପଥ ...


ମହିଳାମାନେ ରାଜପଥ ଅବରୋଧ କରିଛନ୍ତି।

ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସସ୍ମିତା ସେଠୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ପାଣିଟାଙ୍କିଠାରୁ ଉକ୍ତ ସାହିକୁ ଯାଇଥିବା ପାଇପ୍ ନଷ୍ଟ ହୋଇଯାଇଥିବା ବେଳେ ଦୁଇଥର ମରାମତି କରାଯାଇଥିଲା। ତଥାପି ପାଇପ୍ ଯୋଗେ ପାଣି ଯାଉ ନ ଥିଲା। ପୁନର୍ବାର ନୂଆ ପାଇପ୍ ଲାଇନ ପକାଯାଇ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ କହିଛନ୍ତି, ଏବେଠାରୁ ଲୋକମାନେ ପାଣି ପାଇଁ ରାସ୍ତାରେ ବସୁଛନ୍ତି। ବିଭାଗ ସୂଚାରୁ ରୂପେ ପାନୀୟ ଜଳ ଯୋଗାଣ କରିପାରୁନାହିଁ। ଆଗକୁ ଆହୁରି ଜଳ କଷ୍ଟ ଦେଖାଦେଇପାରେ। ତେଣୁ ଏବେଠାରୁ ବିଭାଗ ଯତ୍ନବାନ ହୋଇ ଠିକ ଭାବେ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ।

## ୪୬ ପଇସା ..

୯୨୭୯ ଟଙ୍କା ଦେବାକୁ କୁହାଯାଇଥିଲା। ଏହାଶୁଣି ସେ ବିସ୍ମିତ ହେବାସହ ଏପରି କିପରି ହେଲା ବୋଲି ପଚାରିଥିଲେ। କିନ୍ତୁ ଶୋ'ରୁମ୍ ପରିଚାଳକ ଦାମ୍ ବଢ଼ିଯାଇଥିବା ଦର୍ଶାଇ ଅବଶିଷ୍ଟ ଟଙ୍କା ନ ଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ସେ ବାଧହୋଇ ସନ୍ଧ୍ୟାରେ ବିଲ୍‌ଠାରୁ ଅଧିକ ୪୬ ପଇସା ସହ ମୋଟ ୧୨,୨୭୯ ଟଙ୍କା ଦେଇ ବାଇକ୍ ନେଇଥିଲେ। ପରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୮ରେ ସେ ଏ ସମ୍ପର୍କରେ ଶୋ'ରୁମ୍ ପ୍ରୋପ୍ରାଇଟରଙ୍କୁ ରେଜିଷ୍ଟ୍ରି ଡାକଯୋଗେ ଲିଖିତ ଭାବେ ଜଣାଇ ଚିଠି ପାଇବାର ୧୫ ଦିନମଧ୍ୟରେ ସମାଧାନ ପାଇଁ ଅନୁରୋଧ କରିଥିଲେ। ସମ୍ପୃକ୍ତ ପ୍ରୋପ୍ରାଇଟର ତାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ସୁଦ୍ଧା କୌଣସି ସମାଧାନ କରି ନ ଥିଲେ। ଶୋ'ରୁମ୍ ପକ୍ଷରୁ ଚୁକ୍ତି ସହ ବିଲ୍‌ଠାରୁ ଅଧିକ ଟଙ୍କା ନେବା ଖାଉଟି ସୁରକ୍ଷା ଆଇନର ଉଲ୍ଲଂଘନ ଦର୍ଶାଇ ରାଉତ ଆୟୋଗରେ ନ୍ୟାୟଭିକ୍ଷା କରିବା ସହ ୪,୫୪, ୦୬୯ ଟଙ୍କା କ୍ଷତିପୂରଣ ସହ କୋର୍ଟ ମାମଲା ଖର୍ଚ୍ଚ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟର ପ୍ରଦାନ କରିବାକୁ ଅଭିଯୋଗ କରିଥିଲେ।




**ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27001/27004/2/25-26/0010

27001/21/2526

**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି ।

ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ପିଲାମାନେ ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅ । ତୁମେମାନେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

**ଶ୍ରୀରାମ ନବମୀ ପାଳନ ନେଇ ପ୍ରସ୍ତୁତି ବୈଠକ**

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ରେ ଆଗାମୀ ଏପ୍ରିଲ ମାସରେ ହେବାକୁ ଥିବା ଶ୍ରୀରାମ ନବମୀ ପାଳନ ନେଇ ମଙ୍ଗଳବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀହରି ଭବନରେ ହୋଇଥିବା ଏହି ବୈଠକରେ ଶ୍ରୀରାମ ନବମୀ ପାଳନ କମିଟିର ସଭାପତି ରାଜୁ ଶର୍ମା ସଭାପତିତ୍ୱ କରିଥିଲେ। ଏହି ଉତ୍ସବ ଧୁମଧାମରେ ପାଳନ କରିବାକୁ ୯ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି ।

# ସୁରେନ୍ଦ୍ର ବେହେରା 'ବଲାଙ୍ଗୀର କ୍ଲାସିକ-୨୦୨୬' ଚାମ୍ପିୟନ

**ବଲାଙ୍ଗୀର,୧୭।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କ୍ଲାସିକ ୨୦୨୬ ବଡି ବିଲଡିଂ ପ୍ରତିଯୋଗିତାରେ ବଡି ବିଲଡର ସୁରେନ୍ଦ୍ର ବେହେରା ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଏଥିରେ ଓଡିଶାର ପ୍ରାୟ ସବୁ ଜିଲାରୁ ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବଡି ବିଲଡିଂରେ ୬ଟି ଓ ମେନ୍ସ ଫିଜିକ୍‌ରେ ୨ଟି ଗ୍ରୁପ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଜିଲା ଆମେଚର ବଡ଼ି ବିଲଡର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ରବୀନ୍ଦ୍ର ସିକା, ୬୦ କେଜି ବର୍ଗରେ ଦେବାଶିଷ ମହାନନ୍ଦ, ୬୫ କେଜି ବର୍ଗରେ କୁଶ ଭୁଏ, ୭୦ କେଜି ବର୍ଗରେ ଏସ୍.କେ. ଜାଇନୁଲ, ୭୫ କେଜି ବର୍ଗରେ ସୁରେନ୍ଦ୍ର ବେହେରା ଓ ୮୦ କେଜି ବର୍ଗରେ ଶୁଭମ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ସେହିପରି ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ପ୍ରଥମ ଗ୍ରୁପରେ ହେମନ୍ତ କାଲସାଏ ଓ ଦ୍ୱିତୀୟ ଗ୍ରୁପରେ ଶୁଭଙ୍କର ରାଉତ ବିଜୟ ଲାଭ କରିଥିଲେ। ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କଲ୍ୟାଣୀ ଦାସ ଓ ଅନିତା ମିଶ୍ର ନିଜସ୍ୱ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ବଡି ବିଲଡିଂରେ ସମସ୍ତ ଗ୍ରୁପରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଚାମ୍ପିୟନ ଅଫ୍ ଚାମ୍ପିୟନସ ପ୍ରତିଯୋଗିତାରେ ସୁରେନ୍ଦ୍ର ବେହେରା ଚାମ୍ପିୟନ ହୋଇଥିଲେ । ଜିଲା ସଭାପତି ତଥା ଓଡିଶା ବଡି ବିଲଡିଂ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଓଜିଲ ସଂଘର ପୂର୍ବତନ ସଭାପତି ଅମ୍ବରେଶ ତ୍ରିପାଠୀ, ବିଡିଜିଏ ହେଲ୍‌ଥ କ୍ଲବର ସମ୍ପାଦକ ସଂଗ୍ରାମ ବହିଦାର, ଭାଜପାର ବରିଷ୍ଠ ସଭ୍ୟ ଗୋପାଲଜୀ ପାଣିଗ୍ରାହୀ, ବିଙ୍ଗ୍ ଷ୍ଟ୍ରଙ୍ଗର ସତ୍ତ୍ୱାଧିକାରୀ ଶୁଭମ ଦର୍ଜି, ବୌଦ୍ଧ ବିସିବି ବ୍ୟାଙ୍କ ମୁଖ୍ୟ ଭାସ୍କର ରାଓ ଆଚାରି ଓ ବିଜେଡିର ବରିଷ୍ଠ ସଭ୍ୟ ବିଧୁଭୂଷଣ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାକୁ ରୂପକ କୁମାର ବରାଳ ପରିଚାଳନା କରିଥିଲେ। ବିରଞ୍ଚି ନାରାୟଣ ମିଶ୍ର, ଶିବ ମହାରଣା ବିଚାରକ ଦାୟିତ୍ୱ ତୁଲାଇଥିଲେ। ବବନ ମିଶ୍ର, ରାମ ସିଂ, ଅନୀଲ ନାଏକ, ଜିତେନ୍ଦ୍ର ନାଗ, ସାର୍ଥକ ଶ୍ରୀବାସ୍ତବ, ଜୟ ନାରାୟଣ ବହିଦାର, ରାଜୁ, ସତ୍ୟହୋତା, ଶମ୍ଭୁ ଭୋଇ ସହାୟତା କରିଥିଲେ ।



ବଲାଙ୍ଗୀର କ୍ଲାସିକ୍‌ର ଚାମ୍ପିୟନ ସୁରେନ୍ଦ୍ର ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ

- ପୋଲିସ ଲଗାଇଲା ବ୍ୟାନର
- ମାର୍ଚ୍ଚ ମାସ ମଧ୍ୟରେ ଗନ୍ଧମାର୍ଦ୍ଦନକୁ ମାଓବାଦୀ ମୁକ୍ତ କରିବାକୁ ଲକ୍ଷ୍ୟ

**ଖପ୍ରାଖୋଲ,୧୭।୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳରେ ମାଓବାଦୀଙ୍କୁ ଆତ୍ମ ସମର୍ପଣ କରିବାକୁ ଆହ୍ୱାନ ଦେଇ ପୋଲିସ ତରଫରୁ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ପୋଷ୍ଟରରେ ମାଓବାଦୀମାନେ ହିଂସାର ପଥ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବା ତଥା ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କ ପାଇଁ ସରକାର ଘୋଷଣା କରିଥିବା ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦିଆଯାଇଛି। ବ୍ୟାନର ହିନ୍ଦୀ ଭାଷାରେ ଲେଖାଯାଇଛି। ଏନେଇ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀଙ୍କୁ ପଚାରିବାରେ ଆଗାମୀ ମାର୍ଚ୍ଚ ମାସ ମଧ୍ୟରେ ଗନ୍ଧମାର୍ଦ୍ଦନକୁ ମାଓବାଦୀ ମୁକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗନ୍ଧମାର୍ଦ୍ଦନ ପାହାଡରେ ଅନେକ ସମୟରେ ହିନ୍ଦୀ ଭାଷାଭାଷୀ ମାଓବାଦୀଙ୍କ ଗତିବିଧି ଜାରି ଥିବାରୁ ସେମାନଙ୍କୁ ହିଂସା ଛାଡି ନୂଆ ଜୀବନ ବଞ୍ଚିବାକୁ ଆହ୍ୱାନ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।



ଗନ୍ଧମାର୍ଦ୍ଦନ ପାହାଡ଼ରେ ପୋଲିସ ଲଗାଇଥିବା ବ୍ୟାନର ।

# ତଦନ୍ତ ପାଇଁ ଆଶ୍ରମରେ ଜିଲା ମଙ୍ଗଳ ଅଧିକାରୀ



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।

**ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର ଘଟଣା**

**ପାଟଣାଗଡ଼,୧୭।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଆଶ୍ରମରେ କେତେଜଣ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିବା ଘଟଣାର ୪ ଦିନ ପରେ ମଙ୍ଗଳବାର ତଦନ୍ତ ପାଇଁ ଜିଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି ସେଠାକୁ ଯାଇଥିଲେ । ତାଙ୍କ ନେତୃତ୍ୱରେ ଅତିରିକ୍ତ ମଙ୍ଗଳ ଅଧିକାରୀ ବଂଶୀଧର କିସାନ, ବ୍ଲକ ସମାଜ ମଙ୍ଗଳ ଅଧିକାରିଣୀ ସସ୍ମିତା ପ୍ରସାଦ ଅପରାହ୍ନରେ ଆଶ୍ରମରେ ପହଞ୍ଚି ଥିଲେ। ଏହି ଅବସରରେ ଆଶ୍ରମ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ଓ ସଂପୃକ୍ତ ଶିକ୍ଷକଙ୍କୁ ବହିଷ୍କାର ଦାବିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ତଦନ୍ତକାରୀ ଟିମ୍ କେବଳ ସମ୍ପୃକ୍ତ ଛାତ୍ରମାନଙ୍କୁ ଡାକି ଏକ କୋଠରୀ ଭିତରେ ମାଡ଼ ମରାଯିବା ଘଟଣା ନେଇ ପଚରାଉଚରା କରିଥିଲେ। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବା ସହ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ମହାନ୍ତି କହିଛନ୍ତି ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ପ୍ରମାଣପତ୍ର ପ୍ରଦାନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ ।

**ଲୋଇସିଂହା,୧୭।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମ ଅଧିକାରୀ ସୁଧାଂଶୁ ବାଗ ଅଧ୍ୟକ୍ଷତା କରିଥିଲେ । ଏଥରେ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ, ମାଷ୍ଟର ଟ୍ରେନର ମାଧବୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଷଡଙ୍ଗୀ ନାରୀର ସାମୂହିକ ବିକାଶରେ ଆତ୍ମସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ସାହୁ ତାଲିମପ୍ରାପ୍ତ ଛାତ୍ରୀମାନେ ନିଜ ପଡୋଶୀ ଝିଅଙ୍କୁ ତାଲିମ ଦେବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ସମୟରେ ମୁକାବିଲା କରିବା ପାଇଁ ଏହି ତାଲିମ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ସଭା କାର୍ଯ୍ୟ ସଂଯୋଜନ କରିଥିଲେ। ଏହି ଅବସରରେ ତାଲିମ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଗଞ୍ଜେଇ ଚାଲାଣ,୩ ଗିରଫ

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

ଧନୁପାଲି ଥାନା ପୋଲିସ ଚାଲାଣ ବେଳେ ୨୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥନା ସୁନାପାଲିର ଅଜିତ ଲାକ୍ରା, ନରେଶ ଓରାମ୍ ଓ ମହମ୍ମଦ ମୁସ୍ତାଫା ଓରଫ ଭୁଜାଲି। ସେମାନେଏକ ଧଳା ଜରିରେ ଗଞ୍ଜେଇ ନେଉଥିଲେ। ଏ ନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୬୩/୨୬)ରୁଜୁ କରି ପୋଲିସ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ସକାଳେ କନଭେଣ୍ଟ-ଡିୟରପାର୍କ ରାସ୍ତାରେ ଏକ ଧଳା ଜରିବ୍ୟାଗ ଧରି ସନ୍ଦିଗ୍ଧ ଅବସ୍ଥାରେ ଉପରୋକ୍ତ ୩ଅଭିଯୁକ୍ତ ଛିଡ଼ା ହୋଇଥିବା ସମ୍ପର୍କରେ ଧନୁପାଲି ଥନା। ପୋଲିସକୁ ଖବର ମିଳିଥିଲା। ଖବର ପାଇ ପୋଲିସର ସ୍ୱତନ୍ତ୍ର ଦଳ ସେଠାରେ ପହଞ୍ଚି ଥିଲା। ଚଢ଼ାଉ ବେଳେ ଜରିବ୍ୟାଗରେ ଗଞ୍ଜେଇ ଥିବା ଜଣା ପଡ଼ିବା ପରେ ପୋଲିସ ସେମାନଙ୍କୁ ପୋଲିସ ଗିରଫ କରିଥିଲା।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

**ତରଭା,୧୭।୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର କୁମ୍ଭାରମୁଣ୍ଡା ଗ୍ରାମ ପଞ୍ଚାୟତ ସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ମୁଖ୍ୟ ପରିଦର୍ଶିକା ରୀନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ତରଭା ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଜ୍ଞାନନ୍ଦା ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ କୁମ୍ଭାରମୁଣ୍ଡା ସମିତି ସଭ୍ୟା ସୀତା ସେଟ, କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୁମାର ସା ଯୋଗଦାନ କରିଥିଲେ। ଏଏନଏମ ରୀତାଞ୍ଜଳି ମିଶ୍ର ଆଶା ଦିଦି ଅଭିଭାବକ ଅଭିଭାବିକାଙ୍କ ସମେତ ୭୦ ଜଣ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କିଶୋରିଙ୍କୁ ନେଇ ଓଜନ, ରକ୍ତହିନତା, ଉଚ୍ଚତା ଯାଞ୍ଚକରି ବିଭିନ୍ନ ପ୍ରତିଯୋଗିତା ଯଥା ରଙ୍ଗୋଲି, ମ୍ୟୁଜିକ ଚେଆର ଅନୁଷ୍ଠିତ ହୋଇଥିଲା। କୃତୀ କିଶୋରୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।


ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**

ISO 9001-14001 18001 Certified

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE**

**NOTICE INVITING TENDER No.BHEP/64/2025-26, Dated 13.02.2026**

**No.4001/30/2526:** Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of avail-ability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.

OIPR-4001/4019/1/25-26/0003 Sd./- C&P Head, BHEP, Balimela



**Bhubaneswar Municipal Corporation**

SWACHH SURVEKSHAN 2025-26

Progress Through Partnership for Better Bhubaneswar

No.9070/Date : 13.02.2026/

xxxxx-Ⅱ-SBAC 177/2025

**Advertisement Notice**

**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in **www.tendersodisha.gov.in** and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.

Sd./- Additional Commissioner
Bhubaneswar Municipal Corporation

OIPR-13001/13002/1/25-26/0030



No.13001/262/2526

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No.2012 (PW) Date.13.02.2026**
**Tender ID: 2025_ORULB_123961**

Bid Value: Rs.2.48 Lakhs to Rs.48.31 Lakhs

Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in

Sd./-
Executive Engineer
City Division-III, CMC

OIPR-13001/13031/1/25-26/0027



**ODISHA BIGYAN ACADEMY**

**No.28001/1/2526:** Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023.**

1. **Odisha Young Scientists Award working within the State of Odisha Category - Life Sciences**
2. **Odisha Young Scientists Award working within the State of Odisha Category - Physical Sciences**

(Upper age of Young Scientists must not exceed 35 years on 31st December, 2023)

For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**

The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.

The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007,**
**Odisha (INDIA)**

OIPR-28001/28002/1/25-26/0001



idco Your power to grow | ODISHA NEW OPPORTUNITIES

No.4001/24/2526

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

Bid Identification No.Civil/EST/29/2025-26
TCN No.3143, Dt.03.02.2026

୧୧ଟି ୱାର୍ଡକୁ ନେଇ ଗଠିତ ଦେବଗଡ଼ ପୌର ପରିଷଦ ସମସ୍ୟା ଘେରରେ ରହିଛି। ସହରବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୌର ପରିଷଦ ରାଜ୍ୟର ବହୁ ପୁରୁଣା ପୌରପରିଷଦ। ଶତବାର୍ଷିକ ପାଳନ କରିସାରିଛି। କିନ୍ତୁ ସ୍ୱଚ୍ଛ ଓ ପରିପାଟୀ ବିଷୟ ଶହେ ବର୍ଷର ଏହି ପୌରପରିଷଦ ସମସ୍ୟାରେ ରହିଛି। ସେଥିପାଇଁ ସହରବାସୀ ଅତିଷ୍ଠ ହୋଇ ସାରିଲେଣି। ସବୁଥାଇ କିଛି ନ ଥିବା ଭଳି। ନାହିଁ ନାହିଁରେ ଚାଲିଛି ପୌରପରିଷଦ। ଉନ୍ନତି ହେବା ତ ଦୂରର କଥା ସାମାନ୍ୟ କାମ ପାଇଁ ଲୋକେ ହଇରାଣ ହେଉଛନ୍ତି। ଏପରିକି ସହରରେ ପରିମଳ ବ୍ୟବସ୍ଥା ସାଙ୍ଘାତିକ ହୋଇଥିବା ଅଭିଯୋଗ ହେଉଛି। ଦୁର୍ଗନ୍ଧରେ ଫାଟି ଯାଉଛି ସହରାଞ୍ଚଳ। ନାହିଁ ନାହିଁରେ ଚାଲିଛି ପୌର ପରିଷଦ। ଏପରିକି କୋମାରେ ରହିଛି ପୌର ପରିଷଦ ବୋଲି ଚର୍ଚ୍ଚା ହେଉଛି। ସଫା ଠିକ ଭାବେ ହେଉ ନାହିଁ। ବ୍ଲିଚିଂ ପାଉଡର, ଫିନାଇଲ, ମଶା ତେଲ ପଡ଼ିବା କଥା ତ ସ୍ୱପ୍ନ। ପୌର ପରିଷଦ ଅଛି ବୋଲି ଅନୁଭବ ହେଉ ନାହିଁ। ଡ୍ରେନେଜ ବ୍ୟବସ୍ଥା ନ କହିବା ଭଲ। ସହରର ସବୁ ଆଡେ ଅଳିଆ ଆବର୍ଜନା। ଦୁର୍ଗନ୍ଧରେ ଫାଟି ଯାଉଛି ଅଞ୍ଚଳ। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ମଶା ଉପଦ୍ରବ ବଢୁଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ କରି କିଛି ୱାର୍ଡ ମେମ୍ବର ଠିକା କାମରେ ବ୍ୟସ୍ତ। ନିଜ ପକେଟ କେମିତି ଗରମ ହେବ ସେହି ଚିନ୍ତାରେ ନେତା। ସହର କଥା କିଏ ପଚାରେ। ଅନୁପସ୍ଥିତ ବିନା ଟେଣ୍ଡର, ରିଜୁଲେସନରେ କେମିତି ସବୁ କାମ କରାଯାଉଛି ଚିନ୍ତାର ବିଷୟ। ସୋସିଆଲ ମିଡ଼ିଆରେ ଚର୍ଚ୍ଚା କରି ଜନପ୍ରତିନିଧି ଓ ସାମାଜିକ ସଙ୍ଗଠନ ଚୁପ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରଜିକାନ୍ତ ସୁକୁଲଙ୍କୁ ପଚାରିବାରୁ ବର୍ତ୍ତମାନ ସହରରେ ଡ୍ରେନ ସଫା ସୁରୁରା ଚାଲିଛି। ଆଉ ବିନା ଟେଣ୍ଡର କି ରିଜ୍ୟୁଲେସନରେ କାମ କଥା ନଜରରେ ଆସି ନାହିଁ। ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ତେଣୁ ଜିଲାପାଳ ହସ୍ତକ୍ଷେପ କରି ପରିସ୍ଥିତି ଅନୁଧ୍ୟାନ କରିବା ସହ କେମିତି ସହରବାସୀ ଉପକୃତ ହେବେ ଚିନ୍ତା କରିବା ଆବଶ୍ୟକ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବା ସୁନିଶ୍ଚିତ ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି।

# ୩୬୪ ଗ୍ରାମ, ୧୧ ୱାର୍ଡ ବାଲ୍ୟବିବାହ ମୁକ୍ତ ଘୋଷିତ

**ଦେବଗଡ଼ ଜିଲା**

**ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶାକୁ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସରକାର ଲକ୍ଷ୍ୟ ରଖି ସମସ୍ତ ଜିଲାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ଦେବଗଡ଼ ଜିଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ବିଭାଗ ଯଥା ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସମାଜ ମଙ୍ଗଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲା ପୋଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଜିଲାକୁ ବାଲ୍ୟବିବାହ ମୁକ୍ତକରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରଶାସନର ନିର୍ଦ୍ଦେଶରେ ଦେବଗଡ଼ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନକୁ ବାଲ୍ୟବିବାହ ମୁକ୍ତ ପରିସର ଭାବେ ଘୋଷଣା କରାଯାଇଛି। ସମସ୍ତ ଗ୍ରାମ ଓ ବ୍ଲକ୍‌ରେ ଯଥାକ୍ରମେ ସରପଞ୍ଚ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସ ଗଠନ କରାଯାଇଛି। ପ୍ରତ୍ୟେକ ଅଙ୍ଗନୱାଡି ସ୍ତରରେ ଅଙ୍ଗନୱାଡି କର୍ମୀମାନେ ବିବାହ ପଞ୍ଜୀକରଣ ରେଜିଷ୍ଟରରେ ସମସ୍ତ ବିବାହକୁ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରୁଛନ୍ତି। ବାଲ୍ୟବିବାହ ସୂଚନାକାରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ବାଲ୍ୟବିବାହ ସମ୍ପର୍କିତ ସମସ୍ତ ଅଭିଯୋଗ ଗ୍ରହଣ କରିବାକୁ ଜରୁରିକାଳୀନ ୨୪ ଘଣ୍ଟିଆ ଚାଇଲ୍ଡ ହେଲ୍ପଲାଇନ ନମ୍ବର-୧୦୯୮ ଓ ମହିଳା ସହାୟତା ନମ୍ବର-୧୮୧ କଣ୍ଟ୍ରୋଲ ରୁମ୍ କାର୍ଯ୍ୟରତ । ବାଲ୍ୟବିବାହ ପ୍ରତିହତ କରିବା ପାଇଁ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୨୦୧୪ରେ ଦେବଗଡ଼ ଜିଲାର ବାଲ୍ୟବିବାହ ହାର ୨୩% ଥିବାବେଳେ ୨୦୧୯ରେ ୧୯%କୁ ଖସିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିବରଣୀର ସମୀକ୍ଷା ଓ ଜିଲା ଟାସ୍କଫୋର୍ସ ବୈଠକରେ ପାରିତହେବା ପରେ ଜିଲାପାଳ କବୀନ୍ଦ୍ର ସାହୁ ଏବଂ ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନଙ୍କ ଅନୁମୋଦନକ୍ରମେ ଦେବଗଡ଼ ଜିଲାର ୩୬୪ ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି। ସୂଚନଯୋଗ୍ୟ, ସରପଞ୍ଚଙ୍କ ଅଧକ୍ଷତାରେ ବିଭିନ୍ନ ଗ୍ରାମରେ ପଲ୍ଲିସଭା କରାଯାଇ ସରକାରୀ ମାର୍ଗଦର୍ଶିକା ଓ ମୂଲ୍ୟାଙ୍କନ ପ୍ରକ୍ରିୟା ଅନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପାଖରେ ପଲ୍ଲିସଭା ବିବରଣୀ ସରପଞ୍ଚଙ୍କ ଜରିଆରେ ସମୀକ୍ଷା ପାଇଁ ଉପସ୍ଥାପନ କରାଯାଇଥିଲା । ପଲ୍ଲିସଭା ବିବରଣୀର ସମୀକ୍ଷା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଜିଲାପାଳଙ୍କୁ ଅନୁମୋଦନ ପାଇଁ ସୁପାରିସ କରିଥିଲେ। ଏହି ଘୋଷଣା ସମ୍ପର୍କରେ ଜିଲାପାଳ ପତ୍ରସଂଖ୍ୟା-୪୬/୨୬, ୨୯।୧।୨୬ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ସୂଚିତ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ବାରକୋଟ ବ୍ଲକ୍‌ର ୧୪୦ ଗ୍ରାମ, ରିଆମାଳ ବ୍ଲକ୍‌ର ୧୧୬ ଗ୍ରାମ, ତିଲେଇବଣୀର ୧୦୮ ଗ୍ରାମ ଓ ପୌରାଞ୍ଚଳର ୧୧ ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ଶୋଭାଯାତ୍ରାରେ ନିଶାମୁକ୍ତ ସଚେତନତା ବାର୍ତ୍ତା



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

**ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ସଚେତନତା ରଥ ଓ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟାଉନ ହଲ୍‌ଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଅବକାରୀ ଅଧୀକ୍ଷକ ବାସନ୍ତୀପ୍ରଭା ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇବା ସହ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେବା ସହ ନିଶା ସେବନ ନ କରିବା ଏବଂ ଭାରତକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

**ତରଭା,୧୭।୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର କୁମ୍ଭାରମୁଣ୍ଡା ଗ୍ରାମ ପଞ୍ଚାୟତ ସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ମୁଖ୍ୟ ପରିଦର୍ଶିକା ରୀନା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ତରଭା ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଜ୍ଞାନନ୍ଦା ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ କୁମ୍ଭାରମୁଣ୍ଡା ସମିତି ସଭ୍ୟା ସୀତା ସେଟ, କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୁମାର ସା ଯୋଗଦାନ କରିଥିଲେ। ଏଏନଏମ ରୀତାଞ୍ଜଳି ମିଶ୍ର ଆଶା ଦିଦି ଅଭିଭାବକ ଅଭିଭାବିକାଙ୍କ ସମେତ ୭୦ ଜଣ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ କିଶୋରିଙ୍କୁ ନେଇ ଓଜନ, ରକ୍ତହିନତା, ଉଚ୍ଚତା ଯାଞ୍ଚକରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ କିଶୋରୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ଉନ୍ନୟନ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ପରାମର୍ଶ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

**ସମୀକ୍ଷା ବୈଠକ**

**ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତାକରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ବିଦ୍ୟୁତ୍, ନଳକୂପ, ରାସ୍ତାଘାଟ, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ବାଳିକା ଛାତ୍ରୀନିବାସ, ସରକାରୀ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସଗୁଡ଼ିକ ବାକିଥିବା କାର୍ଯ୍ୟ ତୁରନ୍ତ ସମ୍ପାଦନକରି ହସ୍ତାନ୍ତର କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଓମାତ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲାପାଳ ତାପସ କୁମାର ମହନ୍ତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ୩ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାର ୩ ପ୍ରବେଶ ପଥରେ ଥିମେଟିକ୍ ଗେଟ୍ ନିର୍ମାଣ ପାଇଁ ପୂର୍ତ୍ତମନ୍ତ୍ରୀଙ୍କୁ ଚିଠି

**ଝାରସୁଗୁଡ଼ା,୧୭।୨**
**(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ମଧ୍ୟକୁ ରହିଥିବା ୩ଟି ପ୍ରବେଶ ପଥରେ ଥିମେଟିକ୍ ଗେଟ୍ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମଙ୍ଗଳବାର ବିଧାୟକ ଟଙ୍କଧର ତ୍ରିପାଠୀ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଦର୍ଶାଯାଇଛି, ଝାରସୁଗୁଡ଼ା ଏକ ଐତିହାସିକ ସହର। ଏହାର ଆକର୍ଷଣ ଓ ସାଂସ୍କୃତିକ ପରିଚୟ ପାଇଁ ସହରର ୩ଟି ପ୍ରବେଶ ପଥରେ ତିନୋଟି ଥିମେଟିକ୍ ଗେଟ୍ ନିର୍ମାଣ କରାଯାଉ। ସୁନ୍ଦରଗଡ଼ ପଟୁ ଝାରସୁଗୁଡ଼ାକୁ ପ୍ରବେଶ କଲାବେଳେ ଏୟାରପୋର୍ଟ ରାସ୍ତାରେ ଝାଡ଼େଶ୍ୱର ମନ୍ଦିର ଥିମ୍ ପରି ଗେଟ୍, ସମ୍ବଲପୁର ପଟୁ ଝାରସୁଗୁଡ଼ାକୁ ପ୍ରବେଶ କଲାବେଳେ ବଡ଼ମାଲଠାରେ ମା' ଅନ୍ଧାରୀ ଦେବୀ ମନ୍ଦିର ଥିମ୍ ସଦୃଶ ଗେଟ୍ ଏବଂ ବେଲପାହାଡ଼ ଓ ରାୟଗଡ଼ ପଟୁ ଝାରସୁଗୁଡ଼ାକୁ ପ୍ରବେଶ କଲାବେଳେ ପ୍ରସନ୍ନ ପଣ୍ଡା ଛକଠାରେ ମା' ରାମଚଣ୍ଡୀ ମନ୍ଦିର ଥିମ୍ ଭଳି ଥିମେଟିକ ଗେଟ୍ ନିର୍ମାଣ ପାଇଁ ଅନୁଦାନ ରାଶି ପ୍ରଦାନ କରାଯାଉ। ଏହାଦ୍ୱାରା ଜିଲା ବାହାରର ଜନସାଧାରଣ ଝାରସୁଗୁଡ଼ାକୁ ପ୍ରବେଶ କଲାବେଳେ ଏହାର ଐତିହ୍ୟ, ସାଂସ୍କୃତିକ ପରିଚୟ ବିଷୟରେ ଜାଣିପାରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
OHPC
ISO 9001-14001 18001 Certified
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963
**TENDER CALL NOTICE**
**NOTICE INVITING TENDER No.BHEP/64/2025-26, Dated 13.02.2026**
**No.4001/30/2526:** Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-refundable) in Rs. | EMD in Rs. | Period of availability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.
OIPR-4001/4019/1/25-26/0003 Sd./- C&P Head, BHEP, Balimela

**Bhubaneswar Municipal Corporation**
SWACHH SURVEKSHAN 2025-26
Progress Through Partnership for Better Bhubaneswar
No.9070/Date : 13.02.2026/
xxxxx-Ⅱ-SBAC 177/2025
**Advertisement Notice**
**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.
Sd./- Additional Commissioner
Bhubaneswar Municipal Corporation
OIPR-13001/13002/1/25-26/0030

No.13001/262/2526
**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender Call Notice No.2012 (PW) Date.13.02.2026**
**Tender ID: 2025_ORULB_123961**
Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in
Sd./-
Executive Engineer
City Division-III, CMC
OIPR-13001/13031/1/25-26/0027

**ODISHA BIGYAN ACADEMY**
**No.28001/1/2526:** Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023.**
**1. Odisha Young Scientists Award working within the State of Odisha Category - Life Sciences**
**2. Odisha Young Scientists Award working within the State of Odisha Category - Physical Sciences**
(Upper age of Young Scientists must not exceed 35 years on 31st December, 2023)
For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**
The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.
The last date for receipt of nominations is **05.03.2026 (upto 5.00 p.m). Nominations received after due date and time shall not be taken into consideration.**
**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007,**
OIPR-28001/28002/1/25-26/0001 **Odisha (INDIA)**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.4001/24/2526
**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No.Civil/EST/29/2025-26
TCN No.3143, Dt.03.02.2026
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.
Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**
**Sd./-Chief General Manager (Civil)**
**IDCO, Bhubaneswar**
OIPR-4001/4075/1/25-26/0006

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
Ref.No.OSCB/HRDD/5929/ 2025-26 Date:16.02.2026
**TENDER CALL NOTICE**
No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.
The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.
OIPR-39001/39012/1/25-26/0001 **Sd./- Managing Director**

**OFFICE OF THE NOTIFIED AREA COUNCIL, CHANDBALI**
Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com
LETTER NO - 779 DT : 13.02.2026
**Corrigendum**
**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:
**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:
**"The Bid Security/EMD shall be paid at the time of submission of proposal by the bidder."**
Clause 14 "The bidder should not have any record of past blacklisting/ debarment/termination from any Central Govt./State Govt./Govt. organizations/ PSUs." of Page 2 under Eligibility criteria is replaced with the following
**"The bidder should not have any record of blacklisting/debarment/ termination from any Central Govt./State Govt./Govt. organizations/PSUs for a period of last 3 year."**
Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.
Sd./- Executive Officer
Chandbali NAC
OIPR-13001/13129/1/25-26/0008

# ଅବହେଳାର ଶିକାର ସମ୍ବଲପୁର ରେଳ ଡିଭିଜନ

**ସୂଚନା ଅଧିକାର ଆଇନ ତଥ୍ୟକୁ ନେଇ ଅଭିଯୋଗ**

ବଲାଙ୍ଗୀର,୧୭।୨(ବୀରେନ୍ଦ୍ର କୁମାର ଖାଙ୍କର)

ପଶ୍ଚିମ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯାଉଥିବାର ଅଭିଯୋଗ ପୂର୍ବରୁ ରହିଥିଲା। ଏହି ଅଭିଯୋଗ ଫର୍ଦ୍ଦରେ ଏବେ ଯୋଡ଼ି ହୋଇଛି ସମ୍ବଲପୁର ରେଳ ଡିଭିଜନକୁ ରେଳ ବିଭାଗ ଅବହେଳା। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏନେଇ ଅଭିଯୋଗ କରିଛନ୍ତି। ସମ୍ବଲପୁର ରେଳ ଡିଭିଜନ ଓ ଇଷ୍ଟକୋଷ୍ଟ ରେଳ ଜୋନ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ରେଳ ଯାତ୍ରୀଙ୍କୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ୧୫ଟି ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି ରେଳଷ୍ଟେଶନଗୁଡ଼ିକ ହେଲା ବରପାଲି, କେସିଙ୍ଗା, ଖରିଆର ରୋଡ଼, ବଲାଙ୍ଗୀର, କଣ୍ଟାବାଞ୍ଜି, ହରିଶଙ୍କର ରୋଡ଼, ଭବାନୀପାଟଣା, ସମ୍ବଲପୁର ସିଟି, ହୀରାକୁଦ, ବରଗଡ଼ ରୋଡ଼, ଟିଟିଲାଗଡ଼, ଝାରସୁଗୁଡ଼ା ରୋଡ଼, ମହାସମୁନ୍ଦ, ମୁନିଗୁଡ଼ା ଓ ରେଢ଼ାଖୋଲ। ଏହି ୧୫ଟି ଷ୍ଟେଶନ ମଧ୍ୟରୁ କେବଳ ବରପାଲି ରେଳ ଷ୍ଟେଶନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ତଥ୍ୟରେ କୁହାଯାଇଛି। ଆସନ୍ତା ୩୧ ମାର୍ଚ୍ଚ ୨୦୨୬ରେ ବଲାଙ୍ଗୀର, କେସିଙ୍ଗା ଓ ଖରିଆର ରୋଡ଼ ଷ୍ଟେଶନର ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଛି। ହେଲେ ବଲାଙ୍ଗୀର ରେଳ ଷ୍ଟେଶନର ମନ୍ଥର ଗତି ନିର୍ମାଣ କାର୍ଯ୍ୟକୁ ଦେଖିଲେ ଏହି କାର୍ଯ୍ୟନିକଟରେ ଶେଷ ହେବାର ଆଶା ଦେଖାଯାଉନାହିଁ ବୋଲି ପଣ୍ଡା କହିଛନ୍ତି। ଅନ୍ୟାନ୍ୟ ଷ୍ଟେଶନଗୁଡ଼ିକର ନବୀକରଣ କାର୍ଯ୍ୟ ମେ, ଜୁନ, ସେପ୍ଟେମ୍ବର ଓ ଡିସେମ୍ବର ମାସ ଶେଷ ସୁଦ୍ଧା ପର୍ଯ୍ୟାୟ କ୍ରମେ ସମ୍ପୂର୍ଣ୍ଣ ହେବ ବୋଲି ସମ୍ବଲପୁର ରେଳ ଡିଭିଜନ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ମାତ୍ର ଧାର୍ଯ୍ୟସମୟ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧାରେଳ ଡିଭିଜନର ୨୩ଟି ରେଳ ଷ୍ଟେଶନର ନବୀକରଣ କାର୍ଯ୍ୟହାତକୁ ନିଆଯାଇଥିବା ବେଳେ ୧୧ଟି ରେଳ ଷ୍ଟେଶନକୁ କାର୍ଯ୍ୟକ୍ଷମ କରାଯାଇ ସାରିଛି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ରେଳ ଷ୍ଟେଶନଗୁଡ଼ିକର ନବୀକରଣ କାର୍ଯ୍ୟ ପ୍ରତି ରେଳ ବିଭାଗର ଉଦାସୀନତା ମନୋଭାବ ତଥ୍ୟ ସ୍ପଷ୍ଟ ଜଣାପଡୁଛି ବୋଲି ପଣ୍ଡା କହିଛନ୍ତି। ତଥ୍ୟରୁ ଆହୁରି ଜଣାପଡ଼ିଛି, ବନ୍ଦେ ଭାରତ ନୂତନ ଟ୍ରେନ ସମ୍ବଲପୁର ରେଳ ଡିଭିଜନ ଦେଇ ନିକଟ ଭବିଷ୍ୟତରେ ଚଳାଚଳ କରିବା ପ୍ରସ୍ତାବ ରେଳ ବିଭାଗର ନାହିଁ। ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ରେଳଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରୀ ସେବା ଯୋଗାଇବାରେ ରେଳ ବିଭାଗର ଉଦାସୀନତା ମନୋଭାବକୁ ପଣ୍ଡା ନିନ୍ଦା କରିଛନ୍ତି।

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଟିଟିଲାଗଡ଼,୧୭।୨ (ଶରତ ମିଶ୍ର)

ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆଠାରେ ଆୟୋଜିତ ତ୍ରିଦିବସୀୟ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ତିନି ଦିନ ଧରି ଏଠାରେ ଚାଷୀଙ୍କୁ ଆଧୁନିକ ଯନ୍ତ୍ର ଉପଯୋଗ ସହ ରାସାୟନିକ ସାର ତଥା କୀଟନାଶକ ଔଷଧର କମ ବ୍ୟବହାର ତଥା ପନିପରିବା, ଶ୍ରୀ ଅନ୍ନ, ଗାଈ, ଛେଳି, କୁକୁଡ଼ା, ମତ୍ସ୍ୟ ଚାଷ ନେଇ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଏହାସହ ୨୮ଟି ଷ୍ଟଲ୍‌ରେ କୃଷି କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ରାଂଶର ପ୍ରଦର୍ଶନ, ବିକ୍ରିବଟା, କୃଷି ସମ୍ବନ୍ଧୀୟ ଶିକ୍ଷଣୀୟ କୌଶଳ ସମ୍ବନ୍ଧୀୟ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଜିଲା ପରିଷଦ ସଦସ୍ୟ ସଞ୍ଜୟ ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ। ମେଳା ଅବସରରେ ଚାଷୀ ଆର୍ତ୍ତ ସାହୁ(ମୃତ୍ତିକା),ଭଗବତୀ ରତେଇ(ମତ୍ସ୍ୟ), ଦିବାକର ଭୋଇ (ଗୋସମ୍ପଦ), ନରେଶ ମେହେର(କୃଷି), ଜୟଦେବ ସାହୁ (ଉଦ୍ୟାନ କୃଷି), ସଞ୍ଜୀବ ପଟ୍ଟନାୟକ, ସମ୍ପାଦକ, ଆଶା(ଶ୍ରୀ ଅନ୍ନ), ବ୍ଲକ କୃଷି ଅଧିକାରୀ ରିଥିକ ରାୟ, ମମତା ଏଣ୍ଟର ପ୍ରାଇଜ୍‌ସ (ଡିଲର)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ତଥା ଜିଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହାଙ୍କ ତତ୍ତ୍ୱାବଧାନରେ ଏହି କୃଷି ମେଳା ହୋଇଥିଲା। ମେଳା ପରିଚାଳନାରେ ଟିଟିଲାଗଡ଼ କୃଷି ଜିଲା ଅଧିକାରୀ ଧବଳେଶ୍ୱର ପ୍ରଧାନ, ଜିଲା କୃଷି ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ, ସୁଧାକର ନନ୍ଦ, ଶୈଳାଳା ମହାନନ୍ଦ, ଜ୍ୟୋସ୍ନାରାଣୀ ଛୁରା, ସୁଜାତା ପାତ୍ର ପ୍ରମୁଖ ସହାୟତା କରିଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଜନସାଧାରଣ ଅଭିଯୋଗ କରୁଛନ୍ତି।

ଖପ୍ରାଖୋଲ,୧୭।୨(ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା, ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଉପସ୍ଥିତ ରହି ୫୦ଟି ଅଭିଯୋଗର ଶୁଣାଣି କରିବା ସହିତ ୧୦ ଅଭିଯୋଗ ର ତତ୍କାଳ ସମାଧାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ ହୋଇଥିବା ଜଣାଯାଇଛି। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, କୃଷି,ସମବାୟ, ଗ୍ରାମ ଉନ୍ନୟନ ବିଭାଗ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**MILK UNION SAMBALPUR**
**VEHICLE REQUIRED ON HIRE**
1. Max Pick up or similar type of vehicle required on Hire for Nuapada-Jharbandh Milk Route running covering 157 K.M. (Both Morning & Evening shift).
2. Tata Ace or similar type of vehicle required on Hire for Barpali-Sargipali Milk Route running covering 72 K.M. (Both Morning & Evening shift).
3. Max Pick up or similar type of vehicle required on Hire for Lakhmara-Padampur Milk Route running covering 140 K.M. (Both Morning & Evening shift).
**For details please visit our website: www.samul.in**
Interested Parties may purchase and submit Tenders by 02.03.2026
Tender Paper Cost - Rs.200/- + GST | EMD - Rs.2,000/-

# ଜୈବିକ ସାର ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଦେଓଗାଁ,୧୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିଂହାମୁଣ୍ଡା ଓ ଦେଷଣ୍ଡ ପଞ୍ଚାୟତ ମୁଖ୍ୟାଳୟରେ ଉଦ୍ୟାନ ବିଭାଗ ଓ ଏଫଇଏସ୍ ଆନୁକୂଲ୍ୟରେ ଜୈବିକ ସାର ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଦେଷଣ୍ଡ ଜଗନ୍ନାଥ ମନ୍ଦିର ପରିସରରେ ଏଫଇଏସ୍‌ର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ. ଏଫଇଏସ୍‌ର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ, ଦେଓଗାଁ ସନ୍‌ସାଇନ ଫାରମର ପ୍ରଡ୍ୟୁସର କମ୍ପାନୀର ସିଇଓ ଅଶୋକ କୁମାର ରଣା ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମା' ସରସ୍ୱତୀ ଓ ମା' ସନ୍ତୋଷୀ ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଉପସ୍ଥିତ ଥିଲେ। ସିଂହାମୁଣ୍ଡା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଗଣ ଉପସ୍ଥିତ ରହି ଜୈବିକ ସାର ବିଶେଷକରି ଜିବାମୃତ, ନିମ୍ବ ଗୋମୂତ୍ର ଅର୍କ, ମିଶ୍ରିତ ପତ୍ରର ଅର୍କ, ହାଣ୍ଡି ଖତ, ଲଙ୍କା ରସୁଣ ଅର୍କର ପ୍ରସ୍ତୁତି କୌଶଳ ଓ ଉପକାରିତା ବିଷୟରେ ଅବଗତ କରିଥିଲେ। ଉଦ୍ୟାନ ଅଧିକାରୀ ପୁରୋହିତ ଜାତୀୟ ପ୍ରାକୃତିକ କୃଷି ମିଶନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମକରେ ଉଭୟ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ। ସୌଦାମିନୀ ଛତର, ଚନ୍ଦ୍ରିକା ବାଗ,ରୋଜି ପଟେଲ ଓ ଜୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଦେଷଣ୍ଡ ଜଗନ୍ନାଥ ମନ୍ଦିର ପରିସରରେ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥି ଓ ଚାଷୀବୃନ୍ଦ।

# ଲୋଇସିଂହାର ୭ କେନ୍ଦ୍ରରେ ୯୬୬, ଆଗଲପୁରର ୧୧ କେନ୍ଦ୍ରରେ ୧୪୮୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ

**୧୯ରେ ମାଟ୍ରିକ ପରୀକ୍ଷା**

ଲୋଇସିଂହା,୧୭।୨(ସୁଶାନ୍ତ ବାରିକ)

ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଏଥର ବଲାଙ୍ଗୀର ଜିଲା ଲୋଇସିଂହ ବ୍ଲକର ୭ଟି କେନ୍ଦ୍ରରେ ୯୬୬ ଜଣ ପରୀକ୍ଷାର୍ଥୀ ଓ ଆଗଲପୁର ବ୍ଲକର ୧୧ଟି କେନ୍ଦ୍ରରେ ୧୪୮୮ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଶିକ୍ଷାବିଭାଗ ସୂତ୍ରରୁ ଜଣାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ କେନ୍ଦ୍ରରେ ୧୯୫ ଜଣ ପରୀକ୍ଷାର୍ଥୀ, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୧୯ ଜଣ, ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲ କେନ୍ଦ୍ରରେ ୧୭୪ ଜଣ, କୁଶଙ୍ଗ ପଞ୍ଚାୟତ ନୋଡାଲ ହାଇସ୍କୁଲରେ ୮୯ ଜଣ, ସରଗାଡ ଲାଲବାହାଦୁର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୮୪ ଜଣ, କୁଟୁରାପାଲି ପଞ୍ଚାୟତ ହାଇସ୍କୁଲ କେନ୍ଦ୍ରରେ ୧୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହାଛଡା ଲୋଇସିଂହା ନିର୍ବାଚନମଣ୍ଡଳୀ ଅଧୀନ ଆଗଲପୁର ବ୍ଲକ ରାମପୁର ଆଶ୍ରମ ସ୍କୁଲ କେନ୍ଦ୍ରରେ ୧୩୭ ଜଣ, ନଅଗାଁ(ଖ) ପଞ୍ଚାୟତ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୨୫ ଜଣ, ଭରସୁଜା ଛେଲିଆପାଟ ହାଇସ୍କୁଲ କେନ୍ଦ୍ରରେ ୧୪୮ ଜଣ, ଡୁଡୁକା ପଲ୍ଲିଶ୍ରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୩୭ ଜଣ, ରୋତ ପଞ୍ଚାୟତ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୬୧ ଜଣ, ଆଗଲପୁର ସୂର୍ଯ୍ୟକଲ୍ୟାଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୫ ଜଣ, ଆଗଲପୁର ପଞ୍ଚାୟତ ହାଇସ୍କୁଲ କେନ୍ଦ୍ରରେ ୧୯୭ ଜଣ, ନଅଗାଁ(କ) ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୩୩ ,ସାଲେଭଟା ଉତ୍କଳମଣି ହାଇସ୍କୁଲ କେନ୍ଦ୍ରରେ ୧୩୨ ଜଣ, ସାଲେଭଟା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୮୯ ଜଣ ଓ କୁଟାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଉଭୟ ବ୍ଲକ ଦାୟିତ୍ୱରେ ଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେରଙ୍କ ସୂତ୍ରରୁ ଜାଣିବାକୁ ମିଳିଛି। ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ସରିଯାଇଥିବା ମେହେର କହିଛନ୍ତି।

# ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



ଫିତା କାଟି ପ୍ରକଳ୍ପକୁ ବ୍ଲକ ଅଧ୍ୟକ୍ଷା ଉଦ୍‌ଘାଟନ କରୁଛନ୍ତି ।

ସଇଁତଲା,୧୭।୨ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ କେରମେଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲାଟୁଟ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମୋନିକା ସିଂଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ଦୀର୍ଘ ଦୁଇ ବର୍ଷ ହେଲା ଗ୍ରାମକୁ ଜଳ ଯୋଗାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । ଫଳରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିବାକୁ ପ୍ରଶାସନକୁ ଲିଖିତ ଭାବରେ ଜଣାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚି ଏକ ମାସ ମଧ୍ୟରେ ଜଳଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଜାତୀୟ ରାଜପଥ ଅବରୋଧ ନ କରିବାକୁ ଗ୍ରାମବାସୀଙ୍କୁ କହିଥିଲେ। କିନ୍ତୁ ପ୍ରତିଶ୍ରୁତି ମିଳିବାର ୬ମାସ ପରେ ମଧ୍ୟ ଗ୍ରାମକୁ ଜଳ ଯୋଗାଣ ହୋଇପାରି ନ ଥିଲା। ଏହାର ପ୍ରତିବାଦରେ ଗତ ନଭେମ୍ବର ମାସରେ ଗ୍ରାମବାସୀ ଗରା, ବାଲ୍‌ଟି ଧରି ଜାତୀୟ ରାଜପଥ–୨୬କୁ ଦୀର୍ଘ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ଜଳ ଓ ପରିମଳ ବିଭାଗର ଅଧିକାରୀମାନେ ପହଞ୍ଚି ଆଗାମୀ ଦୁଇମାସ ମଧ୍ୟରେ ଜଳ ଯୋଗାଣ କରାଯିବ ବୋଲି କହିଥିଲେ। ପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାକୁ ପ୍ରସନ୍ନ କୁମାର ଭୋଇ ପରିଚାଳନା କରିଥିଲେ। ଫଗନୁ ସାହୁ ଧନ୍ୟବାଦ ଦେଇଥିଲେ।

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, Nayapalli, Bhubaneswar - 751012
CIN: U51211OR1980SGC000894
Tel. No.: 0674-239539, Fax No.: 0674-2395291, Website: www.oscsc.in
Tender No. 2809/P-II/25/2025/PDS Dt.16.02.26
No. 7001/10/2526: Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source district Puri to recipient district Cuttack in the State of Odisha |
| 2 | Availability of bid document in the portal | From 17.02.2026 |
| 3 | Last date/time for receipt of bids in the portal | Dt.24.02.2026 upto 5.00 P.M. |
| 4 | Date/time of Opening of Technical Bid | Dt.25.02.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/Corrigendum/Cancellation/retenders etc. if any shall be published only in above websites.
By Order of Managing Director
Sd./- General Manager (Distribution)
OIPR-7001/7002/1/25-26/0004

**PARADIP PORT AUTHORITY**
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-12/25/54, dtd.13.02.2026
Name of the work : "Development of New Plot adjacent to the MCHP plot near BoT Railway bulb towards Gate No.1 inside Harbour area". Put to tender value: Rs.5,47,40,515.26 plus GST as applicable. Last date & time of submission of tender through online bidding is 09.03.2026 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Executive Engineer, Harbour Works Division No.I, PPA.
PPA/PR/68/2025-2026, dt.16/02/2026

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, BERHAMPUR**
No. 24001/36/2526 Email Id: eenhbam@gmail.com
INVITATIONS FOR BIDS (IFB) {e-Procurement}
Bid Identification No. SE-NH-BAM/12/2025-26
No. 866 Dated: 12.02.2026
1. The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road work as detailed in the table below.
2. Nature of Work : Road (Drain)
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : 'B' Class
6. Availability of Bid document in portal : 11.00 A.M. of 20.02.2026 to 05.30 P.M. of 07.03.2026
7. Date of Opening of Bid : 09.03.2026 at 11.30 A.M.
8. The bidders have to participate in ONLINE bidding only. Further details can be seen from the website https://tenderssorissa.gov.in.
9. Any Corrigendum/Addendum/Cancellation of will be displayed in the e-tender website only.
Sd./- Superintending Engineer NH Division, Berhampur
OIPR-24001/24415/1/25-26/0009

**ପୂର୍ବ ତଟ ରେଳପଥ**
ନିଲାମ କ୍ୟାଟଲଗ୍ ନଂ. NFR-KUR-WC-PRDP
ଲଟ୍ ନଂ./ବର୍ଗ: MSS-KUR-PRDP-BOXNWC-108-26-4 (Misc-Static-Services-BOXN Wagon Cleaning)
ବିବରଣୀ : ପାରାଦୀପ ୟାର୍ଡ ଠାରେ ଅବଶିଷ୍ଟ ଅଳିଆ (Residual Waste) ସଫେଇ ଏବଂ ନିଷ୍କାଶ କରିବା ନିମନ୍ତେ ୱାଗନ ସଫେଇ ଚୁକ୍ତି। କାର୍ଯ୍ୟର ପରିସର ହେଉଛି ଲାଇସେନ୍ସଧାରୀ ଦ୍ୱାରା ୱାଗନଗୁଡ଼ିକ ଭିତରେ ଥିବା ଅବଶିଷ୍ଟ ସାମଗ୍ରୀ / ଡର୍ବି (Derbies) ଗୁଡ଼ିକର ସଫେଇ/ଅପସାରଣ କରିବା, ଯେତେବେଳେ କି ଏହି ରେକ୍‌ଗୁଡ଼ିକ ପ୍ରସ୍ଥାନ ପୂର୍ବରୁ ଷ୍ଟେସନ ୟାର୍ଡ / ପରିକ୍ଷଣ ୟାର୍ଡ ଠରେ ଉପଲବ୍ଧ ହେଉଥିବ। ଲାଇସେନ୍ସଧାରୀଙ୍କ ଦ୍ୱାରା ସଫେଇ କରିବା ସମୟରେ ମିଳୁଥିବା ଏହିପରି ଅବଶିଷ୍ଟ ସାମଗ୍ରୀକୁ ଲାଇସେନ୍ସଧାରୀଙ୍କ ସାମଗ୍ରୀ ଭାବେ ବିବେଚିତ କରାଯିବ।
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.27.02.2026 ରିଖ 1100 ଘଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.27.02.2026ରିଖ 1130 ଘଟିକାରେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1126/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୭, ତାରିଖ: ୧୬।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା **୧୫.୩୦ ଘଟିକାରେ ଖୋଲାଯିବ** । **କ୍ର.ସଂ.-୧ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ୍-୧୧-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ବରିଷ୍ଠ ଡିଇଏନ୍ (ପୂର୍ବ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆରଡିଏସ୍‌ଓ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ (୧୦୦୦ ଗୋଟି), ୬୦ କିଗ୍ରା/୬୦ଇଆଇ–ଆର୍୨୬୦ ଗ୍ରେଡ୍ ରେଲ୍ (୮୪୫୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍‌ଡିଂ ଅଂଶର ନିର୍ମାଣ ଏବଂ ଯୋଗାଣ ଏବଂ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହ ୱେଲ୍‌ଡିଂ ଇନ୍–ସିଟୁ । (ମୋଟ ୯୪୫୩ ଜଏଣ୍ଟ)। **ଟେଣ୍ଡର ମୂଲ୍ୟ:** ₹୨,୧୩,୭୧,୪୪୬.୩୮; **ଅମାନତ ରାଶି:** ₹୨,୫୬,୯୦୦। **କ୍ର.ସଂ.-୨ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୦୫-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ଗିରିମଇଦାନ, ଗୋକୁଳପୁର ଏବଂ ରାଖାମାଇନ୍ସ: ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ, ଉତ୍ଥାନ, ରିସରଫେସିଂ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୫,୯୫,୮୮,୫୭୮.୮୫; **ଅମାନତ ରାଶି:** ₹୪,୪୮,୦୦୦ । **କ୍ର.ସଂ.-୩ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୦୬-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କଲେଇକୁଣ୍ଡା, ଗୋକୁଳପୁର ଓ ଖଡ଼ଗପୁର ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୬୦, ୧୩୯ଏ ଏବଂ ୧୨୯ଏଠାରେ ବିଦ୍ୟମାନ ସବ୍‌ୱେକୁ ସୁଧାରିବା ଓ ଉନ୍ନତ କରିବା । **ଟେଣ୍ଡର ମୂଲ୍ୟ:** ₹୨,୩୨,୪୬,୬୭୧.୭୩; **ଅମାନତ ରାଶି:** ₹୨,୬୬,୨୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। **ଖୋଲାଯିବା ତାରିଖ:** ତା୦୬।୦୩।୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୯।୦୩।୨୦୨୬ରିଖ (କ୍ର.ସଂ. ୨ ଓ ୩ ପାଇଁ)। **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । **ବିଡ଼ିଂ ଆରମ୍ଭ ତାରିଖ:** ତା୨୦।୦୨।୨୦୨୬ରିଖରୁ ତା୦୬।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ) ଏବଂ ତା୨୩।୦୨।୨୦୨୬ରିଖରୁ ତା୦୯।୦୩।୨୦୨୬ରିଖ ୧୫.୦୦ ଘଟିକା କ୍ର.ସଂ. ୨ରୁ ୩ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1199)

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି**
**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
At/P.O./P.S.: Chandbali, District: Bhadrak, PIN - 756133
Phone/Fax: 06786-220472, Mob.: +91-9437041541, Email: dfo.bhadrakwl@odisha.gov.in
**e-Procurement Notice**
No. 8001/82/2526 Bids Identification No. DFO-BDK-02/2025-26
Office Order No. 33-1F-431/2025, Dated: Chandbali the 16th Feburary, 2026
1. Name of Works : Construction of "Safe Bathing Ghat"
2. No. of Work : 03 (Three)
3. Approximate estimated cost : 10.41 lakh
4. Class of Contractor : "C" & "D" Class (As per Annexure)
5. Period of Completion : 15 (Fifteen) days
6. Tender Paper Cost : Rs.4,000/-, towards cost of bid as mentioned in Annexure
7. Date & time of availability of bid document in the portal : Dt.17.02.2026 at 11.00 A.M.
8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal https:/www.tendersodisha.gov.in.
Sd./- Divisional Forest Officer Bhadrak (WL) Division
OIPR-8001/8079/1/25-26/0001

**Government of Odisha** No.25001/132/2526
**Office of the Executive Engineer, Rural Works Division-II, Nabarangpur, Umerkote**
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**
1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: "C" & "D" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Required MARKETING STAFF for Housing, Lap, Vehicle, Cash Credit, GST Loan from Nationalized Bank on Commission basis. Send resume at :
rajugandhi009@gmail.com

**ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ**
ଭୁବନେଶ୍ୱରରେ କନ୍‌ଷ୍ଟ୍ରକ୍ସନ ଅଫିସ୍‌ରେ କାର୍ଯ୍ୟ ପାଇଁ Experience Manager, Accountant, Data Entry Operator, Driver, Cooker ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: 9937499625

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

Admissions Open Nursery to Class VIII
**TEACHERS REQUIRED**
Walk-in with resume on 27th and 28th February 2026, 10 AM-2 PM
at Deb International School, Dehurda, Bhograi, Balasore
Contact: 9938522033, 9938558877

See Career Appointment on every Wednesday & Saturday

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: 9861550765

**WALK-IN-INTERVIEW**
For Public School (English Medium), Jarasingha, Balangir
for the Post of Principal, TGTs (Math, Science and English)
Contact No-9777490268, 9668026356
Email-publicschooljarasingha1997@gmail.com

**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE / नीलामी सूचना**
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : 03.03.2026 (Tuesday) @ 11.00 A.M.
Auction Notice is available at www.iitbbs.ac.in.
Please keep visiting our website for any further corrigendum/amendments.
Sd./- Registrar

**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना



नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
उँचाई–4 फीट, 8 ईंच, रंग–सॉवला,
पहनावा–सफेद रंग का सलवार सूट पहनी हुई है।

उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगॉव, जिला–रॉची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगॉव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, सदर, रॉची। – 9431102090
थाना प्रभारी, खेलगॉव, रॉची। – 9431706157

वरीय पुलिस अधीक्षक, राँची
PR 373157 Police(25-26).D

# ବିଧବା ହେବାର ବର୍ଷକ ପରେ ଫେରିଲେ ସ୍ୱାମୀ

**ଡୁଙ୍ଗୁରିପାଲି,୧୭।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍ତି କେନାଲ ରୋଡ଼ର ଜଣେ ମହିଳା ସ୍ୱାମୀ ନିଖୋଜ ହୋଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ବିଶ୍ୱାସ କରି ଶୁଦ୍ଧିକ୍ରିୟା କରି ବିଧବା ଜୀବନ ବିତାଉଥିଲେ। ହେଲେ ବିଧବା ହେବାର ବର୍ଷକ ପରେ ତାଙ୍କ ସ୍ୱାମୀ ଗତ ଜାନୁଆରୀ ୧୪ ତାରିଖରେ ଘରକୁ ଫେରିଛନ୍ତି। ପରିବାରରେ ପୁଣି ଖୁସିର ଲହରି ଦେଖାଦେଇଛି। ଜାତିପ୍ରଥା ଅନୁସାରେ ପୂଜାପାଠ କରାଯାଇ ବିଧବା ସ୍ତ୍ରୀ ପୁଣି ଶଙ୍ଖାସିନ୍ଦୂର ପିନ୍ଧିଛନ୍ତି। ବିବରଣୀରୁ ପ୍ରକାଶ, କେନାଲ ରୋଡ଼ରେ ରହୁଥିବା କମ୍ପନ ବରର୍ଗା (୫୮) ଗାଁର କେତେଜଣ ଲୋକଙ୍କ ସହ ଗତବର୍ଷ ଫେବୃଆରୀ ୩ରେ କାମ କରିବାକୁ ତେଲେଙ୍ଗାନାକୁ ଯାଇଥିଲେ। ୨ଦିନ ପରେ ସାଙ୍ଗରେ ଯାଇଥିବା ଲୋକେ କମ୍ପନ ନିଖୋଜ ହୋଇଯାଇଥିବା ସମ୍ପର୍କରେ ଜଣାଇଥିଲେ। କମ୍ପନଙ୍କ ଜ୍ୱାଇଁ ନରେନ୍ଦ୍ର ପାଣ୍ଡେ ତେଲେଙ୍ଗାନା ସିକନ୍ଦରାବାଦ ଜିଲା ମହୁଲ ଥାନା କସୁର ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲେ। ସେହି ଅଞ୍ଚଳରେ ନିଖୋଜ ହୋଇଥିବାରୁ କମ୍ପନଙ୍କ ଫଟୋ ସହ ମୋବାଇଲ ନମ୍ବର ଦେଇ ଯୋଗାଯୋଗ କରିବାକୁ ଲିଫଲେଟ ସେହି ଅଞ୍ଚଳରେ ମାରିଥିଲେ। ୩ ଦିନ ପରେ ଏକ ଫୋନ ନରେନ୍ଦ୍ରଙ୍କୁ ଆସିଥିଲା। କମ୍ପନଙ୍କୁ ଆୟଲାପୁରରେ ନିଆଯାଇ ଏକ ଡାକ୍ତରଖାନାରେ ରଖାଯାଇଥିବା କୁହାଯାଇଥିଲା। ଫୋନ ପାଇ ନରେନ୍ଦ୍ର ଓ ଅନ୍ୟ ସମ୍ପର୍କୀୟ ମହୁଲ ଥାନା କସୁର ଅଞ୍ଚଳକୁ ଯାଇଥିଲେ। ସେଠାରେ ଦୁର୍ଘଟଣାରେ ଜଣେ ଲୋକଙ୍କୁ ଗୁରୁତର ଅବସ୍ଥାରେ ହସପିଟାଲ ନିଆଯାଇଥିବା ପେଟ୍ରୋଲପମ୍ପ ଓ ପୋଲିସ ନିକଟରୁ ସୂଚନା ପାଇଥିଲେ। ହସ୍ପିଟାଲ ଯାଇ ପଚାରିଥିଲେ। ହସ୍ପିଟାଲରେ ଦାୟିତ୍ୱରେ ଥିବା କର୍ମଚାରୀ ମୃତଦେହ ଦେଖାଇ ନ ଥିଲେ। ଏକ ମୃତଦେହ ଗୋଡ଼ାଇ ପୁମ ଲୋକ ବୋଲି କହି ୨ଲକ୍ଷ ୨୦ ହଜାର ପେଠ କରିବାକୁ କହିଥିଲେ। ସେହିପରି ଆସ୍ଥାପୁରରେ ମୃତଦେହ ଘରକୁ ନେଲେ ଆଡଭାନ୍ସ ୭୦ ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏମାନେ ଗରିବ ଲୋକ ହୋଇଥିବାରୁ ଏତେ ଟଙ୍କା ଦେଇ ନ ପାରି ଫେରିଆସିଥିଲେ। ସେହି ମୃତଦେହ ପ୍ରକୃତରେ କାହାର ଥିଲା ଜାଣିବାକୁ ଚେଷ୍ଟା ନ କରି ହସ୍ପିଟାଲ କର୍ମଚାରୀଙ୍କ କଥାରେ ବିଶ୍ୱାସ କରି କମ୍ପନ ମୃତ୍ୟୁବରଣ କରିଛନ୍ତି ବୋଲି ବିଶ୍ୱାସ କରିଯାଇଥିଲେ। ସେହି ମାସ ୧୨ ତାରିଖରେ ଫେରି ୧୩ରେ ଜାତି ନିୟମ ଅନୁସାରେ ଶୁଦ୍ଧିକ୍ରିୟା ହୋଇଥିଲା। ସ୍ତ୍ରୀ ଜୟନ୍ତୀ ବରର୍ଗାଙ୍କ ମଥାରୁ ସିନ୍ଦୂର ଲିଭେଇ ଦିଆଗଲା। ହାତରୁ ଭାଙ୍ଗି ଦିଆଗଲା ଚୁଡ଼ିଶଙ୍ଖା। ବିଧବା ଜୀବନ ବିତାଇଲେ ଜୟନ୍ତୀ। ତେବେ ପ୍ରାୟ ବର୍ଷେ ପରେ କମ୍ପନ ଫେରିଥିବାରୁ ଉତ୍ସାହ ଦେଖାଦେଇଛି ପରିବାରବର୍ଗଙ୍କ ମଧ୍ୟରେ। ପତ୍ନୀଙ୍କ ମୁହଁରେ ହସ ଫେରିଛି।

କସୁର ଅଞ୍ଚଳରେ ଏକ ବିହନ କମ୍ପାନୀରେ କମ୍ପନ କାମ କରୁଥିଲେ। କମ୍ପାନୀ ମାଲିକ ତାଙ୍କୁ ଏକ ହାତ ଲେଖା ଦେଇ ଟ୍ରେନ ଯୋଗେ ତେଲେଙ୍ଗାନାରୁ ଭୁବନେଶ୍ୱର ପଠାଇଥିଲେ। ଭୁବନେଶ୍ୱରରୁ ତାଙ୍କୁ ଅନ୍ୟ ଜଣେ ସହଯୋଗୀ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଟ୍ରେନ୍‌ରେ ଆଣି ବଲାଙ୍ଗୀରରେ ଛାଡ଼ି ଦେଇଥିଲେ। ରେଳଷ୍ଟେସନରେ କୁଲି କାମ କରୁଥିବା ଜ୍ୱାଇଁ ନରେନ୍ଦ୍ର ଦେଖି ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ। ସେ କମ୍ପନଙ୍କୁ ବଲାଙ୍ଗୀରରୁ ଡୁଙ୍ଗୁରିପାଲିରେ ଥିବା ଘରକୁ ଆଣିଥିଲେ।


ସ୍ତ୍ରୀ ଜୟନ୍ତୀଙ୍କ ସହ କମ୍ପନ ବରର୍ଗା।

■ନିଖୋଜ ସ୍ୱାମୀ ମୃତ ବୋଲି ବିଶ୍ୱାସ କରି ଶୁଦ୍ଧିକ୍ରିୟା କରିଥିଲେ

■ଜାତିପ୍ରଥା ଅନୁସାରେ ପୂଜାପାଠ କରି ପୁଣି ଶଙ୍ଖାସିନ୍ଦୂର ପିନ୍ଧିଲେ

# ନିଆଁରେ ପୋଡ଼ି ହୋଇ ମହିଳା ମୃତ

**ବୀରମହାରାଜପୁର,୧୭।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଗଇଲଗୁଡ଼ି ଗ୍ରାମରେ ଜଣେ ଆଦିବାସୀ ମହିଳା ନିଆଁ ପୋଉଥିବା ସମୟରେ ତାଙ୍କ ଗୋଡ଼ରେ ନିଆଁ ଲାଗି ଯାଇଥିଲା। ତାଙ୍କୁ ତୁରନ୍ତ ବୀରମହାରାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ମିଳିଥିବା ସୂଚନା ଅନୁସାରେ ମୃତ ମହିଳା ଜଣକ ବିନିକା ଥାନା ଚୁଲିମାଲର ଶୋଭା ମିର୍ଦ୍ଧା (୪୭) ବୋଲି ଜଣାପଡିଛି। ଶୋଭା ତାଙ୍କ ସ୍ୱାମୀଙ୍କ ସହିତ ଆସି ବୀରମହାରାଜପୁର ଅଞ୍ଚଳରେ ଦିନମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ଝିଅ ଘର ଗଇଲଗୁଡ଼ି ଗ୍ରାମକୁ ଆସିଥିଲେ। ମୃତକଙ୍କ ୩ବର୍ଷର ଏକ ଶିଶୁପୁତ୍ର ଅଛି। ମୃତକଙ୍କ ସ୍ୱାମୀ ଧବଳେ ମିର୍ଦ୍ଧାଙ୍କ ଲିଖିତ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୬) ରୁଜୁ ହୋଇଛି। ହରିହର ଯୋର୍ ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପୂର୍ବତନ ବିଧାୟକ ପରିକ୍ଷିତ କର୍ଣ୍ଣଙ୍କ ଶ୍ରାଦ୍ଧବାର୍ଷିକୀ

**ବିନିକା,୧୭।୨(ରାମ ଗୋପାଳ ବାଘ)**

ବିନିକାର ପୂର୍ବତନ ବିଧାୟକ ତଥା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମର ଗୌନ୍ତିଆ ପରକ୍ଷିତ କର୍ଣ୍ଣଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଭଣ୍ଡାର ପଞ୍ଚାୟତ ଗୁଲୁଣ୍ଡା ନୂଆଁ ବୃନ୍ଦାବନ ମଠରେ ଦିଲ୍ଲୀପ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମଠାଧୀଶ ରଘୁନାଥ ବାବା, ସମ୍ମାନିତ ଅତିଥିଭାବେ ଅଶୋକ କୁମାର ପଣ୍ଡା, ଯୁବ ଆଇନଜୀବୀ ଜୟପ୍ରକାଶ ପଧାନ, ସ୍ୱେଚ୍ଛାସେବୀ ଅମ୍ବରିଶ ପୁରୋହିତ, ରମେଶ ଶତପଥୀ, ଜୟମଙ୍ଗଳ ବିଶି, ଠଣସୁନ୍ଦର ଭେସ୍ରା ପ୍ରମୁଖ ଯୋଗ ସ୍ୱର୍ଗତ କର୍ଣ୍ଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସତ୍ୟବତୀ କର୍ଣ୍ଣ, ଶାନ୍ତି କର୍ଣ୍ଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର



ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବିନିକା,୧୭।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ରସନା ଭୋଇ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଭଗବାନ ସାହୁ ପରିଚାଳନା କରିଥିଲେ। ୮ ଦିନ ଧରି ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନେ କିପରି ଆତ୍ମରକ୍ଷା କରିପାରିବେ ସେ ବିଷୟରେ ମାଷ୍ଟର ଟ୍ରେନର ନମ୍ରତା ଖେତି, ସାବିତ୍ରୀ ସାହୁ ତାଲିମ ପ୍ରଦାନ କରିବେ। ଅଧ୍ୟାପକ ମନୋଜ ନାଏକ ପ୍ରଶିକ୍ଷଣ ପରିଚାଳନା ଦାୟିତ୍ୱରେ ରହିବେ। ଅଧ୍ୟାପିକା ପ୍ରମିତା କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**MILK UNION SAMBALPUR**

**VEHICLE REQUIRED ON HIRE**

1. Max Pick up or similar type of vehicle required on Hire for **Nuapada-Jharbandh Milk Route** running covering 157 K.M. (Both Morning & Evening shift).
2. Tata Ace or similar type of vehicle required on Hire for **Barpali-Sargipali Milk Route** running covering 72 K.M. (Both Morning & Evening shift).
3. Max Pick up or similar type of vehicle required on Hire for **Lakhmara-Padampur Milk Route** running covering 140 K.M. (Both Morning & Evening shift).

**For details please visit our website: www.samul.in**

Interested Parties may purchase and submit Tenders by **02.03.2026**

**Tender Paper Cost - Rs.200/- + GST | EMD - Rs.2,000/-**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଭ୍ରାମ୍ୟମାଣ ଭାଗବତ ଓ ପ୍ରବଚନ କାର୍ଯ୍ୟକ୍ରମ


କେନ୍ଦୁପାଲିରେ ଅମାବାସ୍ୟା ଭାଗବତ ଓ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ।

**ବୀରମହାରାଜପୁର,୧୭।୨ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କେନ୍ଦୁପାଲିଠାରେ ଭ୍ରାମ୍ୟମାଣ ଭାଗବତ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୂରପୁର ଗ୍ରାମର ଗୋପାଜୀ ଠାକୁରଙ୍କ ଠାରୁ ଏହି ଭାଗବତ ଓ ପ୍ରବଚନ କାର୍ଯ୍ୟକ୍ରମ ଦୀର୍ଘ ୨୯ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ଭାଗବତର ଦଶମ ସ୍କନ୍ଧ ୧୭ ଅଧ୍ୟାୟ ପାଠ କରିଥିଲେ ପଣ୍ଡିତ ପୂଜକ ପିତାମ୍ବର ପୂଝାରୀ। ପ୍ରବଚକ ଭାବରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ମାନ ଭଞ୍ଜନ ବ୍ରହ୍ମଚାରୀଙ୍କ ଦିବ୍ୟ ପ୍ରବଚନରେ କାଳୀୟ ଦଳନ କଥା ବେଶ୍ ହୃଦୟସ୍ପର୍ଶୀ ଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିନୋଦ ପାଣ୍ଡିଆ, ନାରାୟଣ ଦେହୁରୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ବୈଶାଖୁ ମେହେର ଓ ତାଙ୍କ ଧର୍ମପତ୍ନୀ କୌଶଲ୍ୟା ମେହେର କାର୍ଯ୍ୟନିର୍ବାହ କରିଥିଲେ। ବରିଷ୍ଠ ସଦସ୍ୟ ଗଣେଶ ମେହେର, ଖେଡୁ ମେହେର, କ୍ଷେତ୍ର ମେହେର, ଲାଲମନି ମେହେର, ଦିଲ୍ଲୀପ ଦାସ, ପଣ୍ଡିତ ବରଂରାମ ଶତପଥୀ, ବିଶିଷ୍ଟ ରାମାୟଣୀ ଭୂଷଣ କୁମାର ପାତ୍ର, ଯୁଗଳ କିଶୋର ମିଶ୍ର, ରାମ ମେହେରଙ୍କ ସମେତ କେନ୍ଦୁପାଲି ଲୁମୁରଜେନା ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗ୍ରାମବାସୀ ତରଫରୁ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ଜୀବନର ଲକ୍ଷ୍ୟ ନେଇ ଅଗ୍ରସର ହୁଅ


ବିଦାୟକାଳୀନ ସଭାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

**ଅମରପାଲି,୧୭।୨(ପୀତାମ୍ବର ସାହୁ)**

**ଦଶମ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

See Career Appointment on every **Wednesday & Saturday**

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: **9861550765**

**WALK-IN-INTERVIEW**
For Public School (English Medium), Jarasingha, Balangir
for the Post of Principal, TGTs (Math, Science and English)
**Contact No-9777490268, 9668026356**
Email-publicschooljarasingha1997@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, BERHAMPUR**
No. 24001/36/2526 Email Id: eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. SE-NH-BAM/12/2025-26**
No. 866 Dated: 12.02.2026

1. The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road work as detailed in the table below.
2. Nature of Work : Road (Drain)
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : 'B' Class
6. Availability of Bid document in portal : 11.00 A.M. of 20.02.2026 to 05.30 P.M. of 07.03.2026
7. Date of Opening of Bid : 09.03.2026 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Superintending Engineer
NH Division, Berhampur
OIPR-24001/24415/1/25-26/0009

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି**
**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
At/P.O./P.S.: Chandbali, District: Bhadrak, PIN - 756133
Phone/Fax: 06786-220472, Mob.: +91-9437041541, Email: dfo.bhadrakwl@odisha.gov.in
**e-Procurement Notice**
No. 8001/82/2526 Bids Identification No. DFO-BDK-02/2025-26
Office Order No. 33-1F-431/2025, Dated: Chandbali the 16th Feburary, 2026

1. Name of Work : Construction of "Safe Bathing Ghat"
2. No. of Work : 03 (Three)
3. Approximate estimated cost : 10.41 lakh
4. Class of Contractor : "C" & "D" Class (As per Annexure)
5. Period of Completion : 15 (Fifteen) days
6. Tender Paper Cost : Rs.4,000/-, towards cost of bid as mentioned in Annexure
7. Date & time of availability of bid document in the portal : Dt.17.02.2026 at 11.00 A.M.
8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal **https:/www.tendersodisha.gov.in**.

Sd./- Divisional Forest Officer
Bhadrak (WL) Division
OIPR-8001/8079/1/25-26/0001

**Government of Odisha** No.25001/132/2526
**Office of the Executive Engineer, Rural Works Division-II, Nabarangpur, Umerkote**
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**

1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: "C" & "D" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

भारतीय प्रौद्योगिकी संस्थान भुवनेश्वर
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE** / नीलामी सूचना
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : **03.03.2026 (Tuesday) @ 11.00 A.M.**
Auction Notice is available at **www.iitbbs.ac.in**.
Please keep visiting our website for any further corrigendum/amendments.
**Sd./- Registrar**

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
ऊँचाई–4 फीट, 8 ईंच, रंग–सॉवला,
पहनावा–सफेद रंग का सलवार सूट पहनी हुई है।

उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगॉव, जिला–रॉंची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगॉव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, रॉंची। – 9431102090
थाना प्रभारी, खेलगॉव, रॉंची। – 9431706157

वरीय पुलिस अधीक्षक, राँची
PR 373157 Police(25-26).D

## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଭବାନୀପାଟଣା,୧୭।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଜାରିଙ୍ଗ ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟାରେ ଗଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ରଙ୍ଗିଗୁଡା (ସର୍ଗିପଡ଼ା)ର ମଳୟ ଚଲାନ (୨୭)। ମଳୟ ନିଜ ଗାଁରୁ ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଜୁନାଗଡ଼ ଆଡ଼କୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ପିଟିହୋଇ ଯାଇଥିଲେ। ଫଳରେ ଉଭୟ ବାଇକ୍‌ରୁ ଛିଟିକିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଳୟଙ୍କ ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ସହ ଥିବା ସମ୍ପର୍କୀୟ ଯୁବକ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରିଚୟ ମିଳିନାହିଁ।

### ଟିଖାଲି ଲୋକ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଖଡ଼ିଆଳ,୧୭।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଟିଖାଲି ଡ୍ୟାମ୍‌ସ୍ଥିତ ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣ ପଡିଆରେ ଟିଖାଲି ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। କର୍ତ୍ତା ଭାବେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ପରମେଶ୍ୱର ବାରିକ ଓ ପୂଜକ ଭାବେ ଜଗା ଦାସ ଦାୟିତ୍ୱ ସମ୍ପାଦନ କରିଥିଲେ। ସୂଚନା ଅନୁସାରେ ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୧୩, ୧୪ ଓ ୧୫ ତାରିଖ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଖଡିଆଳ ବ୍ଲକ ଉପାଧ୍ୟକ୍ଷ ତଥା ମହୋତ୍ସବ କମିଟି ସଭାପତି ଗୌତମ ତାଣ୍ଡି, ସାନମହେଶ୍ୱର ସରପଞ୍ଚ ଆହ୍ଲାଦିନୀ ବେହେରା, ମହୋତ୍ସବ କମିଟି ଉପସଭାପତି ଭାବେ ତିନିଜଣ ସାମାଜିକ କର୍ମୀ ଦଶମୁ ବେହେରା, ରମେଶ କୁମାର ଠାକୁର ଓ ଶ୍ୟାମ ସୁନ୍ଦର କୁଲଦୀପ, ସହସମ୍ପାଦକ ଭାବେ ଚାରିଜଣ ଖବରଦାତା କୁନାଲ ଚରଣ ବେହେରା, ନବୀନ ହେର୍ନା, ହେରାମ୍ବ ଶବର ଓ ନରେଶ ମହାରଥା, କୋଷାଧ୍ୟକ୍ଷ ବାପିନା ସାହୁ, ପରାମର୍ଶଦାତା ଖବରଦାତା କୁନୁ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତା

**ଖଡିଆଳ,୧୭।୨ (ସୁଜିତ କୁମାର ପ୍ରଧାନ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ନୂଆପଡ଼ା ଜିଲାର ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତା ଚୟନ ହୋଇଛନ୍ତି। ସେମାନଙ୍କ ନାମ ଗତ ୧୫ତାରିଖରେ ଘୋଷଣା କରାଯାଇଛି। ଜିଲା କାର୍ଯ୍ୟକାରୀ ବିଜୁ ମହିଳା ଦଳ ସଭାନେତ୍ରୀ ସନ୍ତୋଷିନୀ ସଲମା (ସେଫାଳି), ରାଜ୍ୟ ଉପସଭାନେତ୍ରୀ ସରସ୍ୱତୀ ବାଗ ଓ ରାଜ୍ୟ ସାଧାରଣ ସମ୍ପାଦିକା ଖୁଲଣା ବେହେରାଙ୍କୁ ଚୟନ କରାଯାଇଛି। ନୂତନ ଭାବରେ ଦାୟିତ୍ୱ ନେଇଥିବା ନେତ୍ରୀମାନେ ଦଳ ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରି ସଂଗଠନକୁ ମଜଭୁତ କରିବା ସହ ଆଗାମୀ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବା ପାଇଁ ସବୁ କ୍ଷେତ୍ରରେ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।



କେନ୍ଦ୍ର ସରକାରଙ୍କ ୟୁଜିସି ବିଲକୁ ସମର୍ଥନ ଦାବି ନେଇ ମଙ୍ଗଳବାର ଭବାନୀପାଟଣାଠାରେ ଅନୁଷ୍ଠିତ ଶୋଭାଯାତ୍ରାରେ ସାମିଲ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

# ରାସ୍ତାକୁ ଓହ୍ଲାଇଲା ମୂଳନିବାସୀ ବହୁଜନ ସମାଜ

ଭବାନୀପାଟଣା,୧୭।୨ (ଉତ୍ତମ କୁମାର ଦାଶ)

**ୟୁଜିସି ବିଲକୁ ସମର୍ଥନ ଦାବି**

କେନ୍ଦ୍ର ସରକାରଙ୍କ ୟୁଜିସି ବିଲକୁ ସମର୍ଥନ ଦାବି ନେଇ ମଙ୍ଗଳବାର ରାଜରାସ୍ତାକୁ ଓହ୍ଲାଇଛନ୍ତି କଳାହାଣ୍ଡି ଜିଲାର ମୂଳନିବାସୀ ବହୁଜନ ସମାଜର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ। କର୍ମକର୍ତ୍ତା ଭବାନୀପାଟଣାରେ ଏକ ସାଧାରଣ ସଭା ଓ ବିଶାଳ ଶୋଭାଯାତ୍ରା ସହିତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଜାତିଗତ ଭେଦଭାବ ଆଜି ବି ରହିଛି। ଫଳ ସ୍ୱରୂପ ଶିକ୍ଷାନୁଷ୍ଠାନରେ ଅନେକ ଦଳିତ-ଆଦିବାସୀ ଛାତ୍ରୀଛାତ୍ରଙ୍କ ଜୀବନ ଅକାଳରେ ଝଡ଼ି ପଡୁଛି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷାନୁଷ୍ଠାନରେ ଦଳିତ, ଆଦିବାସୀ, ପଛୁଆବର୍ଗ ସହିତ ଅନ୍ୟ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ଏହି ବିଲ ଆଣିଥିବାବେଳେ ଏହା ଉପରେ ଖୋଦ ସୁପ୍ରିମକୋର୍ଟ ହିଁ ରୋକ ଲଗାଇବା ବହୁଜନ ସମାଜକୁ ନିରାଶ କରିଛି। ଏଣୁ ସୁପ୍ରିମକୋର୍ଟ ଏହି ରୋକ ହଟାଇବା ସହିତ କେନ୍ଦ୍ର ସରକାରଙ୍କୁ ଏହି ଆଇନ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସଭାରେ ବକ୍ତାମାନେ ଦାବି କରିଥିଲେ। ସଭାରେ ଓବିସି ରାଜ୍ୟ ସଭାପତି ଶଙ୍କର ପାତ୍ର, ମୂଳନିବାସୀ ବହୁଜନ ମିଳିତ ମହାସଂଘର ରାଜ୍ୟ ଉପସଭାପତି ପ୍ରଦେଶୀ ବିଶ୍ୱାଳ, ଲିଙ୍ଗରାଜ ଆଜାଦ, ସାଧାରଣ ସମ୍ପାଦକ ଦିଗମ୍ବର ଦୁରିଆ, ଜିଲା କାର୍ଯ୍ୟକାରୀ ସଭାନେତ୍ରୀ କମଳିନୀ ଯାଦବ, କଳାହାଣ୍ଡି ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଉପସଭାପତି ହୃଦାନନ୍ଦ ମାଝୀ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ସିପିଆଇର ରାଜ୍ୟ ସମ୍ପାଦକ ଦାମୋଦର ବେହେରା, ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ଉପସଭାପତି ଅନୀଲ କୁମାର ମଲ୍ଲିକ, ଜଗଜ୍ଜୀବନ କୁମାର, ଜିଲା ସଭାପତି ରଜନୀକାନ୍ତ ସମର୍ଲିଆ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେଶନର ଦିଗମ୍ବର ଲୁହା, ବହୁଜନ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ମାଧବ ସୁନାନୀ, ବହୁଜନ ସମାଜ ପାର୍ଟି ଜିଲା ସଭାପତି ସୋମନାଥ ନାଏକ ସାମିଲ ହୋଇଥିଲେ।

# ନୂଆପଡ଼ା, ଖଡ଼ିଆଳ ନାମକୁ ନେଇ ଦ୍ୱନ୍ଦ୍ୱ





ପୋଲିସ ଷ୍ଟେଶନ ଓ ଏସ୍‌ବିଆଇ ବୋର୍ଡରେ ନୂଆପଡ଼ା ଓ ଖଡିଆଳର ନାମ ଭିନ୍ନ ଭିନ୍ନ ରହିଛି।

ନୂଆପଡ଼ା,୧୭।୨ (ମକାରୁ ବେମାଲ)

ନୂଆପଡ଼ା ଜିଲାର ନୂଆପଡ଼ା ଓ ଖଡ଼ିଆଳ ନାମକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଯାଉଛି। ଏହି ଦୁଇ ସ୍ଥାନର ନାମ ଓଡିଆ ଓ ଇଂରାଜୀ ବନାନରେ ଅଲଗା ରହୁଛି । ଓଡିଆରେ ନୂଆପଡ଼ା ଓ ଇଂରାଜୀରେ ନାବାପାରା ଏବଂ ନାୱାପାରା ବୋଲି ଉଚ୍ଚାରଣ ହେଉଛି। ଛତିଶଗଡ଼ ସୀମାନ୍ତରେ ନୂଆପଡ଼ା ରହିଥିବାରୁ ଏଠାରେ ହିନ୍ଦୀ ଓ ଛତିଶଗଡୀ ଭାଷା ଅଧିକ ପ୍ରଚଳିତ ହେଉଛି। ଅଣଓଡିଆମାନେ ନୂଆପଡାକୁ ନାବାପାରା ବୋଲି ଉଚ୍ଚାରଣ କରନ୍ତି। ପୂର୍ବରୁ ଛତିଶଗଡ଼ ରାଜ୍ୟର ରାୟପୁର ଜିଲା ସହ ନୂଆପଡ଼ା ରହିଥିଲା। ସେ ସମୟରୁ ନାୱାପାରା ଓ ନାବାପାରା ନାମକରଣ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ ହେବା ସହ ନାମଫଳକରେ ମଧ୍ୟ ନାୱାପାରା ଲେଖା ହେଉଥିଲା ବୋଲି ଅନୁମାନ କରାଯାଉଛି। ୧୯୯୩ ମସିହା ଏପ୍ରିଲ ୧ରେ ନୂଆପଡ଼ା ସ୍ୱତନ୍ତ୍ର ଜିଲା ଭାବରେ ମାନ୍ୟତା ପାଇବା ପରେ ଧୀରେ ଧୀରେ ନାମ ପରିବର୍ତ୍ତନ ହୋଇ ନୂଆପଡ଼ା ଲେଖାଯାଉଛି। ହେଲେ ୩୩ ବର୍ଷ ପରେ ମଧ୍ୟ ପ୍ରକୃତ ନାମ ଜଣାପଡୁନାହିଁ। ବର୍ତ୍ତମାନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ନଥିପତ୍ରରେ ବା ନାମ ଫଳକରେ ନାବାପାରା ନାମ ବଦଳି ନୂଆପଡା ବୋଲି ଲେଖାଯାଉଛି ହେଲେ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ନାବାପାରା ବୋଲି ଉଲ୍ଲେଖ ରହିଛି ଯାହା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ପ୍ରକୃତ ନାମ ଜିଲାର ସବୁ ଦପ୍ତରରେ ବ୍ୟବହାର କରିବା ସହ ନଥିପତ୍ର, ନାମ ଫଳକରେ ଉଲ୍ଲେଖ କରାଗଲେ ସାଧାରଣ ଲୋକେ ଅଡୁଆରେ ପଡନ୍ତେ ନାହିଁ ବୋଲି ମତପ୍ରକାଶ ପାଉଛି।

ସେହିପରି ଖଡିଆଳର ନାମ ଇଂରାଜୀରେ ଖରିଆର ଓ ଓଡିଆରେ ଖଡିଆଳ ବୋଲି ଲେଖାଯାଉଛି। ଓଡ଼ିଶା ପ୍ରଦେଶର ପ୍ରାଚୀନ ନଗର ମଧ୍ୟରେ ଖଡିଆଳ ଅନ୍ୟତମ। ୧୮୮୫ରେ ଓଡିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ ଖଡିଆଳଠାରେ ସ୍ଥାପନ କରାଯାଇଥିଲା। ୧୯୩୬ରେ ଭାରତ ବର୍ଷରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତତ୍କାଳୀନ ରାଜା ଆର୍ତ୍ତତ୍ରାଣ ସିଂଦେଓଙ୍କ ଦୃଢ ଯୁକ୍ତି ଦ୍ୱାରା ଖଡିଆଳ କେନ୍ଦ୍ରୀୟ ପ୍ରଦେଶ (ସେଣ୍ଟ୍ରାଲ ପ୍ରୋଭିନ୍ସ) ଅଧୀନ ରାୟପୁର ଜିଲା ଛତିଶଗଡ ରାଜ୍ୟରେ ଅନ୍ତର୍ଭୁକ୍ତ ଥାଇ ମଧ୍ୟ ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ଖଡିଆଳ ସାମିଲ ହେଲା। ଇଂରେଜ ଶାସନ କାଳରେ ହେଉକି ଉଚ୍ଚାରଣ ଇଂରାଜୀର ଅଭ୍ୟାସଗତ ବନାନ ଖରିଆର ସମ୍ବୋଧନ ସହ ନଥିପତ୍ରରେ ରେକର୍ଡଭୁକ୍ତ ହୋଇଆସିଛି। ଭାଷା, ସାହିତ୍ୟ, ନାଟ୍ୟକଳା, ସଂସ୍କୃତି ପ୍ରତି ରାଜ୍ୟର ସାମୂହିକ ଜନାଗ୍ରହ କାରଣରୁ ଖଡି ଅର୍ଥ ବିଦ୍ୟା ଓ ଆଳୟ ଅର୍ଥ ପୀଠ ଅର୍ଥାତ୍ ବିଦ୍ୟାର ପୀଠସ୍ଥଳୀ ରୂପେ ଖଡିଆଳ ନାମକରଣ ହେଲା। ପୂର୍ବରୁ ଏ ଜନଖଣ୍ଡର ନାମ ଖାଲିଆ-ପାଲିରୁ ଖଡିଆଳ ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରନ୍ତି। ଓଡିଆରେ ଯେଉଁଭଳି ଖଡିଆଳ ଲେଖାଯାଉଛି ସେହିଭଳି ଇଂରାଜୀରେ ଅବିକଳ ଲେଖାଯାଉ ବୋଲି ଜିଲାବାସୀ ଦାବି କରିଛନ୍ତି ।

# ସଂରକ୍ଷିତ ଜଙ୍ଗଲରେ ନିଆଁ

**ମୂଲ୍ୟବାନ୍ ଗଛ ନଷ୍ଟ ଆଶଙ୍କା**

ଖଡ଼ିଆଳ,୧୭।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବନାଞ୍ଚଳ ନେହେନା ପଞ୍ଚାୟତର ଚିଚେର, ତୋର୍ଲି ସଂରକ୍ଷିତ ସାତପର୍ଲିଆ ଡଙ୍ଗର ମଙ୍ଗଳବାର କୌଣସି କାରଣରୁ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଛି। ଏହି ସଂରକ୍ଷିତ ଜଙ୍ଗଲରେ ପାଞ୍ଚ ବର୍ଷ ପୂର୍ବେ ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମୂଲ୍ୟବାନ ଗଛ ରୋପଣ କରାଯାଇଛି। ସେହି ଗଛଗୁଡିକ ଏବେ କୋଡିଏ ଫୁଟରୁ ଅଧିକ ଉଚ୍ଚତା ହୋଇଗଲାଣି। ନିଆଁ ଲାଗିଥିବାରୁ ଗଛଗୁଡିକ ମରିଯିବା ସମ୍ଭାବନା ରହିଛି। ଏହାଛଡା ଡଙ୍ଗରରେ ଆଶ୍ରୟ ନେଇଥିବା ଜଙ୍ଗଲ ଜନ୍ତୁ ଓ ପଶୁପକ୍ଷୀଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ନିଆଁ ଲାଗିବା ସମ୍ପର୍କରେ ଦିବା ୧୨ ଘଣ୍ଟା ସମୟରେ ବନ ବିଭାଗ କର୍ମଚାରୀଙ୍କୁ ଜଣାଇ ଦିଆଯାଇଛି। କିନ୍ତୁ ବିଭାଗୀୟ କର୍ମଚାରୀ ପହଞ୍ଚି ନ ଥିବା ଜଣାପଡିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



# ଏକ୍ସ କ୍ୟାଡର ଶିକ୍ଷକଙ୍କ ଏନ୍‌ପିଏସ୍ ଟଙ୍କା ହଡ଼ପ ଅଭିଯୋଗ

ବୋଡେନ,୧୭।୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକର ପ୍ରାୟ ୪୭ ଜଣ ଏକ୍ସ କ୍ୟାଡର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜାତୀୟ ପେନ୍‌ସନ୍ ଯୋଜନା (ଏନ୍‌ପିଏସ୍)ରେ ଜମା ହୋଇଥିବା ଟଙ୍କା ହଡପ ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ସେମାନେ ବିଇଓଙ୍କୁ ଭେଟିବାକୁ ଆସିଥିଲେ ମଧ୍ୟ ଅଫିସରେ ତାଲା ପଡିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଆଉ କିଛିମାସ ପରେ କେତେଜଣ ଶିକ୍ଷକ ଅବସର ନେବେ। ହେଲେ ସେମାନଙ୍କ ଆକାଉଣ୍ଟରେ ପେନ୍‌ସନ୍ ଟଙ୍କା ଜମା ହୋଇ ନ ଥିବା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଇଓ ରୁଦ୍ରେଶ୍ୱର ମେହେରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ସେମାନଙ୍କ ଆବଶ୍ୟକ କାଗଜପତ୍ର ନ ଥିବା ପ୍ରକାଶ କରିଛନ୍ତି। ଯେଗଲାଲ ମାଝୀ, ବଇଦ ଦଲ, ଉଗ୍ରେସନ ମାଝୀ, ରୁକ୍ମଣ ଛତ୍ରିଆ, ତୁଲାରାମ ସୁନାନୀଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଶିକ୍ଷକ ବିଇଓଙ୍କୁ ଭେଟିବାକୁ ଆସିଥିଲେ। ଏହାର ସମାଧାନ ନ ହେଲେ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସଜବାଜ ହେଉଥିବା ପ୍ରକାଶ କରିଛନ୍ତି।

# ୨୦ରେ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ନା' କାର୍ଯ୍ୟକ୍ରମ ରାହାଗିରି


ବୈଠକରେ ପରିବେଶ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା,୧୭।୨ (ମକାରୁ ବେମାଲ)

**ପରିବେଶ ନିରୀକ୍ଷଣ ସମିତି ବୈଠକ**

ନୂଆପଡ଼ାରେ ତୃତୀୟ ଜିଲାସ୍ତରୀୟ ପରିବେଶ ନିରୀକ୍ଷଣ ସମିତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀର ଶାଖାର ଆଞ୍ଚଳିକ ଅଧିକାରୀ ଓ ପରିବେଶ ଯନ୍ତ୍ରୀ ବବିତା ସିଂଙ୍କ ଆବାହତ୍ୱରେ ଆୟୋଜିତ ବୈଠକରେ ଜିଲାପାଳ ମଧୁସୂଦସ ଦାଶ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ, ଏସ୍‌ଡିପିଓ ମାର୍ଶିରାଣୀ ପୂର୍ତ୍ତି, ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ସମୀର ମୁଦୁଲି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପର୍ଦ୍ଦା ନିର୍ଦ୍ଦେଶକ ରୁଦ୍ର ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ପରିବେଶ ଯନ୍ତ୍ରୀ ତରଶ ଏମ ମୁର୍ମୁ, ନୂଆପଡ଼ା ଏନ୍‌ଏସି ଇଓ ସନ୍ଦିପ କୁମାର ଚନ୍ଦ୍ରକାର, ଖରିଆର ରୋଡ୍ ଏନ୍‌ଏସି ଇଓ କମଳାସନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ଯନ୍ତ୍ରୀ ସିଂ ଗତ ଜିଲାସ୍ତରୀୟ ପରିବେଶ ନିରୀକ୍ଷଣ ସମିତି ବୈଠକରେ ଆଲୋଚିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ, କୋମନା ଅଞ୍ଚଳରେ ଷ୍ଟୋନ କ୍ରଶର ୟୁନିଟି ଏସ୍‌ପିସିବି ବଲାଙ୍ଗୀର ଓ ଖଣି ବିଭାଗ ପକ୍ଷରୁ ସଂଯୁକ୍ତ ନିରୀକ୍ଷଣ କରାଯାଇଛି। ସେହିପରି ଜିଲାରେ ନିୟମ ଉଲ୍ଲଂଘନ କରୁଥିବା ରାଇସମିଲ ଗୁଡିକ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ନୂଆପଡା ଓ ଖରିଆର ରୋଡ୍ ଅଞ୍ଚଳରେ ଚାଲୁଥିବା ହୋଟେଲଗୁଡିକର ନିରୀକ୍ଷଣ କରାଯାଇଛି। ପତୋରା ଓ ଟିଖାଲି ଡ୍ୟାମ ସହ ପିକ୍‌ନିକ ସ୍ଥଳରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ମୁକ୍ତ ସନ୍ଦେଶ ସହ ସାମୂହିକ ସଫେଇ ଅଭିଯାନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜିଲାପାଳ କହିଥିଲେ, ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିଛି। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ଆବଶ୍ୟକ। ଜିଲାରେ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନ ତୀବ୍ର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ରେ ପୋଲିସ ପଡିଆଠାରେ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ନା' ବିଷୟବସ୍ତୁ ଉପରେ ରାହାଗିରି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

# କେସିଙ୍ଗା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




କେସିଙ୍ଗା, ୧୭।୨ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ଓ ବିକାଶକୁ ଭୂୟସୀ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ମଣିଷ ପରି ମଣିଷ ହେବାକୁ ଉପଦେଶ ଦେଇଥିଲେ। ଛାତ୍ରସଂସଦ ଉପଦେଷ୍ଟା ଡ. ସତୀସ ଚନ୍ଦ୍ର ଖମାରୀ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ କର୍ମଠ ଓ କର୍ମଯୋଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଡ. ରାକେଶ କୁମାର ବିଶି ମଞ୍ଚ ପରିଚାଳନା କରିଥିବାବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତରେ ଭିଜିଲା ସପ୍ତମାତୃକା ଶୈବପୀଠ

ତୁଣ୍ଡଲା,୧୭।୨ (ଫିରୋଜ କୁମାର ଦାଶ)


ନିଶାଣ ଉପରେ ଶବାର ହୋଇଥିବା ଦେବୀ ନାଚୁଥିବା ଦୃଶ୍ୟ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିସ୍ଥିତ ତେଲ ଓ ଉତେଇ ନଦୀର ସଙ୍ଗମରେ ଥିବା ସର୍ବପୁରାତନ ସପ୍ତମାତୃକା ଶୈବପୀଠ ପରିସରରେ ମଙ୍ଗଳବାର ଶହ ଶହ ପଶୁପକ୍ଷୀଙ୍କ ବଳି ଦିଆଯାଇଛି। ଫଳରେ ରକ୍ତରଞ୍ଜିତ ହୋଇପଡିଥିଲା ଶୈବପୀଠ। ଆଦିବାସୀଙ୍କ ବିଶ୍ୱାସ ଅନୁସାରେ ମହାଶିବରାତ୍ରି ସମୟରେ ଅମାବାସ୍ୟା ପରଦିନ ଏଠାରେ ବଳି ଦିଆଯିବା ପ୍ରଥା ରହିଛି। ସକାଳୁ ପୂଜାର୍ଚ୍ଚନା ପରେ ଧବଳେଶ୍ୱରଙ୍କ ମନ୍ଦିରରୁ ଚଣ୍ଡୀ କାଳିସୀ ରୂପରେ ଶବାର ହେବା ପରେ ତାଙ୍କୁ କାନ୍ଧରେ ବୋହି ଦେବମୁହାଣ ପର୍ଯ୍ୟନ୍ତ ଅଣାଯାଇଥିଲା। ମୁହାଣରେ ପ୍ରଥମେ କଳାହାଣ୍ଡି ରାଜାଙ୍କ ଦ୍ୱାରା ପ୍ରେରିତ ବୋଦାକୁ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀର ଅଠର ମାଝୀ ଷୋହଳ ପ୍ରଧାନୀ ଆଦିବାସୀଙ୍କଠାରୁ ଅରୁଆ ଚାଉଳ, ଫୁଲ ସିନ୍ଦୂର ଓ ଟାଙ୍ଗିଆ ଆସିବା ପରେ ସିଦ୍ଧେଶ୍ୱରୀ ପୀଠରେ ପୂଜା କରାଯାଇଥିଲା। ସେହିଭଳି ଗୁର୍ଜିଭଟାରୁ ଆସିଥିବା ନିଶାନରେ ଦେବୀ ଝୁଲିବା ପରେ କଣ୍ଟା ଦୋଳିରେ ଦେବୀ ଖେଳିଥିଲେ। ପରେ ସିଦ୍ଧେଶ୍ୱରୀ ଚଣ୍ଡୀଙ୍କଠାରେ ମନସ୍କାମନା କରିଥିବା ଭକ୍ତମାନେ ଆଣିଥିବା ବୋଦାକୁ ବଳି ଦିଆଯାଇଥିଲା। ପୀଠରେ ପ୍ରାୟ ପାଞ୍ଚ ଶହରୁ ଅଧିକ ବୋଦା ବଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ମନ୍ଦିରରେ ଶୈବ ଓ ଶାକ୍ତର ମହାମିଳନ ବୋଲି ମନ୍ଦିର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ କହିଛନ୍ତି। ଗୋଟିଏ ପଟେ ପ୍ରଶାସନ ପକ୍ଷରୁ ଯିବେ ଦୟା ନାରା ଦିଆଯାଉଥିବା ବେଳେ ଅନ୍ୟପଟେ ବିଶ୍ୱାସ ଆଗରେ ହାର ମାନିଛି ପ୍ରଶାସନ। ମନ୍ଦିର ପୂଜା କମିଟି ସଭାପତି ପାର୍ଥିବିର ସେଲମା, ସମ୍ପାଦକ ପ୍ରଦୀପ ଦୋରା, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ ନାଏକ, କମିଟି ସଦସ୍ୟ ଆର୍ତ୍ତତ୍ରାଣ ସିଂ, ବେଲଦାର ଭୋଇ, ଚକାମନ ନାଏକ, ଅକ୍ଷୟ କୁମାର ସାହୁ, ସଂକୀର୍ତ୍ତନ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

# ଜେଇଇ ପ୍ରବେଶିକା ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା,୧୭।୨(ଉତ୍ତମ କୁମାର ଦାଶ)


ବଳରାମ ରାଉତ


ଗୌରୀଶଙ୍କର ନାଏକ


ମୋହିତ ୱାଡକାର


ନବଜିତ ନନ୍ଦ


ଶିଳା ନୟନ


ସ୍ୱାଗତ ମେହେର


ତୋଫିକ ବାରିକ

ଜେଇଇ (ମେନ) ପ୍ରବେଶିକା ପରୀକ୍ଷା ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଲକ୍ଷ୍ମୀ ବିକାଶ ଗ୍ରୁପ ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟର ବଳରାମ ରାଉତ ୯୫%, ତୋଫିକ ବାରିକ ୯୩.୪୮%, ଶିଳା ନୟନ କୁମାର, ସ୍ୱାଗତ ମେହେର, ମୋହିତ ୱାଡକାର, ଗୌରୀ ଶଙ୍କର ନାଏକ ଓ ନବଜିତ ନନ୍ଦ ଜେଇଇ (ମେନ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଖୁସିବ୍ୟକ୍ତ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ପ୍ରକାଶ ଯେ, ଏଠାରେ ଉଭୟ ସିବିଏସ୍‌ଇ ଓ ସିଏଚ୍‌ଏସ୍‌ଇ ଏକାଦଶ, ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ନିମନ୍ତେ ଇଣ୍ଟିଗ୍ରେଟେଡ୍ କୋଚିଂ ଦିଆଯାଉଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଅଭିଜ୍ଞ ଶିକ୍ଷକ ବିଦ୍ୟାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରିଆସୁଛନ୍ତି।

### ଓବିସି ଜାଗରଣ ବୈଠକ

**ପାଇକମାଳ (ବଡ଼ ଶତପଥୀ):** ପାଇକମାଳ ବ୍ଲକ ଅନ୍ତର୍ଗତ ମୁଣ୍ଡେଲା ଗ୍ରାମରେ ମଙ୍ଗଳବାର ଡୋଲାମଣି ମାହରଙ୍କ ସଭାପତିତ୍ୱରେ ଏକ ଓବିସି ଜାଗରଣ ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସଭାରେ ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରଗୁଡ଼ିକୁ ହାସଲ କରିବା ସକାଶେ ସଂଗଠିତ ହେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଓବିସିମାନଙ୍କ ପାଇଁ ୨୭ ଭାଗ ଶତକଡ଼ା ସଂରକ୍ଷଣ ଲାଗୁ କରାଯିବା ପାଇଁ ଆସନ୍ତା ଜନଗଣନାରେ ଲାଗୁ କରିବା ନିମନ୍ତେ ସରକାରଙ୍କ ପାଖରେ ଦାବି କରିବାକୁ ଗ୍ରାମ କମିଟି ଗଠନ କରାଯାଇଥିଲା।

## ଜେଇଇ (ମେନ୍)ରେ ପାଇକମାଳର ପୀୟୂଷଙ୍କ ସଫଳତା



**ପାଇକମାଳ, ୧୭।୨(ବଡ଼ ଶତପଥୀ):** ଜେଇଇ (ମେନ)ରେ କମାଲ କଲେ ବରଗଡ ଜିଲା ପାଇକମାଳର ପୀୟୂଷ ରଞ୍ଜନ ସ୍ୱାଇଁ । ୯୯.୮୯ ପର୍ସେଣ୍ଟ ମାର୍କ ରଖି ସଫଳତା ହାସଲ କରିଛନ୍ତି ପୀୟୂଷ। ସେ ପାଇକମାଳର ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଅଧ୍ୟୟନ କରୁଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଭୁବନେଶ୍ୱରର ଆଇକନିକ୍‌ରେ ଯୁକ୍ତ ୨ ଅଧ୍ୟୟନରତ ଅଛନ୍ତି। ସରକାର ଏଲ୍ଏନ୍ କୋଚିଂରେ ତାଙ୍କୁ କୋଚିଂ ଦେଉଥିଲେ। ସେ ହେଉଛନ୍ତି ପାଇକମାଳର ସାମାଜିକ କର୍ମୀ ବିଜୟ କୁମାର ସ୍ୱାଇଁ ଓ ପାଇକମାଳ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ପୁଅ। ସେ ଆଗକୁ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସ ପଢ଼ି ଆଇଏଏସ୍ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ଏଥର ପରୀକ୍ଷା ଦେବେ ୧୭,୯୬୭ ଛାତ୍ରୀଛାତ୍ର

### ୯୮ କେନ୍ଦ୍ରରେ ହେବ ମାଟ୍ରିକ୍ ପରୀକ୍ଷା

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ୧୯ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପ୍ରତ୍ୟେକ ଦିନ ଗୋଟିଏ ବିଷୟରେ ପରୀକ୍ଷା ହେବ। ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ତେବେ ଗଣିତ ବିଷୟ ପରୀକ୍ଷା ଦିବସରେ ଅତିରିକ୍ତ ୧୫ମିନିଟ୍ ସମୟ ଦିଆଯିବ ଅର୍ଥାତ୍ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ତେବେ ଏହି ପରୀକ୍ଷା ଯେତିକି ପାଖେଇ ଆସୁଛି, ପରୀକ୍ଷାର୍ଥୀମାନେ ଭଲ ପରୀକ୍ଷାଫଳ ପାଇଁ ପରୀକ୍ଷା ପୂର୍ବରୁ ପାଠପଢ଼ା ପ୍ରସ୍ତୁତି ଚଳାଛନ୍ତି। ଅନୁରୂପଭାବେ ବରଗଡ଼ ଜିଲା ଶିକ୍ଷା ବିଭାଗ ମଧ୍ୟ ଜିଲାରେ ରହିଥିବା ୩୧୯ ହାଇସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀମାନେ ଯେଭଳି ଶୃଙ୍ଖଳିତ ଭାବେ ପରୀକ୍ଷା ଦେଇ ପାରିବେ, ସେଥିପାଇଁ ସବୁପ୍ରକାର ପଦକ୍ଷେପ ନେଉଛି। ଏହି କ୍ରମରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା ପରିଚାଳନା ପ୍ରସ୍ତୁତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।



ପରୀକ୍ଷା ସୁପରିଚାଳନା ପାଇଁ ଜିଲାପାଳ ପରାମର୍ଶ ଦେଉଛନ୍ତି।

ତେବେ ଏଥର ଜିଲାରେ ମୋଟ୍ ୧୭ହଜାର ୯୬୭ ଏଚ୍ଏସ୍‌ସି ପରୀକ୍ଷାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୭ହଜାର ୫୯୬ଜଣ ରେଗୁଲାର ଏବଂ ୪୦ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ୮୭ଜଣ ମଧ୍ୟମା ପରୀକ୍ଷାର୍ଥୀ ହୋଇଥିବାବେଳେ ସେମାନେ ସମସ୍ତେ ରେଗୁଲାର ପରୀକ୍ଷାର୍ଥୀ ବୋଲି ସୂଚନା ମିଳିଛି। ଏହା ସହିତ ୨୪୪ଜଣ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍(ଏସଓଏସି) ପରୀକ୍ଷାର୍ଥୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୭୯ଜଣ ଫ୍ରେସ୍ ଓ ୬୫ଜଣ ବ୍ୟାକ୍ସ ପରୀକ୍ଷାର୍ଥୀ ଅଛନ୍ତି। ତେବେ ସମସ୍ତ ପରୀକ୍ଷାର୍ଥୀ ଯେଭଳି ଠିକ୍‌ଭାବେ ପରୀକ୍ଷା ଦେଇ ପାରିବେ, ସେଥିପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାର ୧୨ବ୍ଲକରେ ୧୨ନୋଡ଼ାଲ ହାଇସ୍କୁଲକୁ ପ୍ରଶ୍ନପତ୍ର ହବ୍ସ କରାଯାଇ ଥିବାବେଳେ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୨୭ଟିମ୍ ଗଠନ କରାଯାଇଛି।

ସେହିପରି ଜିଲାର ଅମ୍ବାଭୋନା ବ୍ଲକରେ ରହିଥିବା ୧୪ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ଉକ୍ତ ବ୍ଲକରେ ୪ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଅନୁରୂପଭାବେ ଅତାବିରା ବ୍ଲକର ୩୨ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୦, ବରଗଡ଼ ବ୍ଲକ/ପୌରାଞ୍ଚଳରେ ରହିଥିବା ୪୧ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୩, ବରପାଲି ବ୍ଲକ/ପୌରାଞ୍ଚଳର ୨୯ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୭, ବିଜେପୁର ବ୍ଲକ/ପୌରାଞ୍ଚଳର ୨୭ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୮ପରୀକ୍ଷା କେନ୍ଦ୍ର କରାଯାଇଛି। ଭଟଲି ବ୍ଲକରେ ରହିଥିବା ୩୨ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୬, ଭେଡ଼େନ ବ୍ଲକର ୧୯ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ , ଗାଇସିଲେଟ ବ୍ଲକର ୨୩ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୬, ଝାରବନ୍ଧ ବ୍ଲକର ୧୮ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୫, ପାଇକମାଳ ବ୍ଲକର ୨୬ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୦, ପଦ୍ମପୁର ବ୍ଲକ/ପୌରାଞ୍ଚଳର ୨୮ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୨ ଏବଂ ସୋହେଲା ବ୍ଲକର ୩୦ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୯ପରୀକ୍ଷାକେନ୍ଦ୍ର କରାଯାଇଛି। ମାଟ୍ରିକ ପରୀକ୍ଷାର ସୁପରିଚଳନା ପାଇଁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏହି କ୍ରମରେ ଗତ ୧୦ତାରିଖ ଅନୁଷ୍ଠିତ ଏକ ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଧିରୋଜ କୁମାର ପଟ୍ଟନାୟକ ଏବଂ ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ରହିଥିବା ଅଧୀକ୍ଷକ, ପ୍ରଶ୍ନପତ୍ର ହବ୍ସର ଅଧିକାରୀ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପଦ୍ମପୁର ଟାଉନ କ୍ଲବର ପ୍ରତିଷ୍ଠା ଦିବସରେ ସ୍ୱାସ୍ଥ୍ୟ ଶିବିର



ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରୁଛନ୍ତି।

**ପଦ୍ମପୁର,୧୭।୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଟାଉନ କ୍ଲବର ୪୮ତମ ବାର୍ଷିକ ଉତ୍ସବ ଅବସରରେ କ୍ରିଷ୍ଣା ବିକାଶ ହସ୍ପିଟାଲ ଓ ଟାଉନ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଯାଇଛି। ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁରାରି କ୍ରିଷ୍ଣା ଫାଉଣ୍ଡେଶନ ତରଫରୁ ଡାକ୍ତର ଅଜିତ୍ ବାରିକଙ୍କ ନେତୃତ୍ୱରେ କ୍ରିଷ୍ଣା ବିକାଶ ଡାକ୍ତରଖାନାର କିଡ୍‌ନୀ ବିଭାଗ ଡା. ସୁଧାଂଶୁ ଶେଖର ଭୋଇ, ଗ୍ୟାଷ୍ଟ୍ରୋସର୍ଜରି ଡା. ଡି. ହେମନ୍ତ ସାଇ କୁମାର, ଚର୍ମରୋଗ ଡା. ମନାଲୀ ଡେକାରାଜା, ଅସ୍ଥିଶଲ୍ୟ ଡା. ନାରାୟଣ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସହ ଫାର୍ମାସିଷ୍ଟ ଷ୍ଟାଫ୍‌ମାନେ ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଟାଉନ କ୍ଲବ ତରଫରୁ ସମସ୍ତ ପ୍ରକାରର ଆନୁଷଙ୍ଗିକ ସୁବିଧା ସୁଯୋଗ କରାଯାଇ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିସହିତ ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବୃକ୍ଷ ରୋପଣ ପାଇଁ ୨୦୨୫ ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରାରେ ଯୋଗଦାନ ଦେଇ ଝାଙ୍କରମାନଙ୍କ ଦ୍ୱାରା ଅଣାଯାଇଥିବା ବିଭିନ୍ନ ଦେବୀପୀଠର ମାଟିକୁ ନେଇ ବୃକ୍ଷ ରୋପଣ କରାଯାଇଥିଲା।

# ବରଗଡ଼ କ୍ରୀଷ୍ଣା ବିକାଶର ସଫଳତା

### ଆଇଆଇଟି-ଜେଇଇ ମେନ୍ ପରୀକ୍ଷା

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)**



ଦିନେଶ ଅଗ୍ରୱାଲ।



ଆର୍ଯ୍ୟନ ମେହେର ।



ଆଶୁତୋଷ ଥାଟି।

ଆଇଆଇଟି–ଜେଇଇ(ମେନ୍) ପ୍ରଥମ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷାରେ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇ କହିଛନ୍ତି, କ୍ରୀଷ୍ଣା ବିକାଶ ବରଗଡ଼ର ୨ଛାତ୍ର ୯୯ ପ୍ରତିଶତ, ୭ଛାତ୍ରୀଛାତ୍ର ୯୮ ପ୍ରତିଶତ, ୧୭ଛାତ୍ରୀଛାତ୍ର ୯୭ ପ୍ରତିଶତ, ୧୯ଛାତ୍ରୀଛାତ୍ର ୯୬ ପ୍ରତିଶତ, ୨୬ଛାତ୍ରୀଛାତ୍ର ୯୫ପ୍ରତିଶତ, ୨୭ଛାତ୍ରୀଛାତ୍ର ୯୪ପ୍ରତିଶତ, ୪୧ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି କ୍ରୀଷ୍ଣା ବିକାଶ ଗ୍ରୁପର ୬୦ ଛାତ୍ରୀଛାତ୍ର ୨୦୨୫ ଜେଇଇର ନିର୍ଦ୍ଧାରିତ କଟ୍‌ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ୨୦୨୬ ପରୀକ୍ଷାଫଳରେ ଶ୍ରେଷ୍ଠ କୃତିତ୍ୱ ହାସଲ କରି ୨୦୨୬ର ଆଇଆଇଟି–ଜେଇଇ ଏଡ଼ଭାନ୍ସ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସବିଶେଷ ବିବରଣୀ ଦେଇ କହିଛନ୍ତି, ଦିନେଶ ଅଗ୍ରୱାଲ ୯୯.୩୫, ଆର୍ଯ୍ୟନ ମେହେର ୯୯.୨୮, ଆଶୁତୋଷ ଥାଟି ୯୮.୫୬, ଜତିନ ସାହୁ ୯୮.୪୬, ଆଶିଷ କୁମାର ମିଶ୍ର ୯୮.୩୯, ତପସ୍ୱିନୀ ପ୍ରିୟଦର୍ଶନୀ ୯୮.୩୦, ଆଶିର୍ବାଦ ପଣ୍ଡା ୯୮.୧୦, ଲିପୁନ ମେହେର ୯୭.୮୮, ଅଂଶୁମାନ ସିଂଘଲ ୯୭.୮୫, ଅଙ୍କିତ ଭୋଇ ୯୭.୫୬, ଶ୍ରେୟାଂଶ ପଟେଲ ୯୭.୪୫, ସମୀକ୍ଷା ସାହୁ ୯୭.୩୯, ବିବେକ ଅଗ୍ରୱାଲ ୯୭.୨୩, ପ୍ରେମାନନ୍ଦ ସାହୁ ୯୭.୨୦, ଖୁସବୁମୟୀ ପ୍ରଧାନ ୯୬.୫୪, ଶ୍ରେୟାଂଶ ପଣ୍ଡା ୯୬.୪୪, ପ୍ରୀତମ କୁମାର ପ୍ରଧାନ ୯୬.୩୪, ସ୍ମିତିଶ୍ରୀ ମେହେର ୯୬.୩୨, ଲିଖିତ ମେହେର ୯୬.୨୪, ଅଭିନନ୍ଦନ ପତି ୯୬.୧୩, ଅନ୍ୱେଷ ମିଶ୍ର ୯୫.୮୭, ଅମ୍ଲାନ ମିଶ୍ର ୯୫.୭୪, ରୁଦ୍ରାକ୍ଷ ବରୁଆ ୯୫.୫୮, ଅଭିଜିତ ମହାନ୍ତି ୯୫.୫୨, ସୋହନ ମେହେର ୯୫.୫୦, ମିହିର ରଞ୍ଜନ ୯୫.୩୪ ସଫଳତା ତାଲିକାର ଶୀର୍ଷରେ ରହିଛନ୍ତି। ଏଭଳି ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣାଙ୍କ ସମେତ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ(ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଡାଇରେକ୍ଟର ଟୁ ଚେୟାରମ୍ୟାନ ଅଫିସ୍ ଲୋକେଶ ଦଶାରୀ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡଃ ମନୋଜ କୁମାର ତ୍ରିପାଠୀ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲା ସଂଗ୍ରହାଳୟର ବିକାଶ ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୭।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲା ସଂଗ୍ରହଳୟର ସୁପରିଚାଳନା ଓ ସଂରକ୍ଷଣ ପାଇଁ ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରହାଳୟରେ ନିୟୋଜିତ ଅସ୍ଥାୟୀ କର୍ମଚାରୀମାନଙ୍କ ଦରମା, ମ୍ୟୁଜିୟମରେ ସଂଗୃହୀତ ସାମଗ୍ରୀର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ସକାଶେ ଆବଶ୍ୟକ ପାଣ୍ଠି ସଂଗ୍ରହ, ସରକାରଙ୍କୁ ମ୍ୟୁଜିୟମ ହସ୍ତାନ୍ତର ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ବୌଦ୍ଧଗଡ଼ ପୌର ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ଆଇନଜୀବୀ ତାରେଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସ୍ୱାଗତ କରିଥିବା ବେଳେ ଉପ ଜିଲାପାଳ ବିନୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି କଲେକ୍ଟର ସୁଶ୍ରୀ ଅଙ୍କିତା ସାହୁ ସଂଗ୍ରହାଳୟର ତଥ୍ୟ ଉପସ୍ଥାପନ କରିଥିଲେ।

## ଅତାବିରାରେ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା



ଅତାବିରାରେ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଅତାବିରା,୧୭।୨(ଯୁଧିଷ୍ଠିର ମହାପାତ୍ର)**

### ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ

ଅତାବିରା ବ୍ଲକର ଆୟୋଜନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଏକ ଯାତ୍ରା ଏବଂ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଯୋଗୀମାନଙ୍କ ଏକ ପଦଯାତ୍ରା ସ୍ଥାନୀୟ ଦୁର୍ଗା ମନ୍ଦିରରୁ ବାହାରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିଡିଓ ରୀପୁନାଥ ସୁନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣି କୁମ୍ଭାର, ଅତିରିକ୍ତ ବିଡିଓ ଗୀରୀନ୍ଦ୍ର ସାହୁ ଏବଂ ଖେଳ ଶିକ୍ଷକମାନେ ଉପସ୍ଥିତ ଥିଲେ। ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବାଳିକା ଏବଂ ବାଳକ ବିଭାଗର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ୬ଟି ଉଚ୍ଚ ବିଦ୍ୟାଳୟ ଲରାସରା, ଅତାବିରା, ଟାଙ୍ଗରପାଲି, ଟାମ୍ପରସରା, ଟୋପ ଓ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଏବଂ ବାଳିକା ବିଭାଗରେ ଟାଙ୍ଗରପାଲି, ଟାମ୍ପରସରା, ଟୋପ ଓ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଚୂଡ଼ାନ୍ତ ଖେଳ ବାଳିକା ବିଭାଗରେ ଟୋପ ଏବଂ ଟାଙ୍ଗରପାଲି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଟାଙ୍ଗରପାଲି ଉଚ୍ଚ ବିଦ୍ୟାଳୟ ୨୯–୨୨ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିପରି ବାଳକ ବିଭାଗରେ ଅତାବିରା ଏବଂ ଟାମ୍ପରସରା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଚୁଡାନ୍ତ ଖେଳ ହୋଇଥିଲା। ଏଥିରେ ଅତାବିରା ଉଚ୍ଚ ବିଦ୍ୟାଳୟ ୨୪–୧୪ ପଏଣ୍ଟରେ ବିଜୟୀ ହୋଇଥିଲା। ଉଭୟ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଏବିଡିଓ ଗିରୀନ୍ଦ୍ର ସାହୁଙ୍କ ମଞ୍ଚ ପରିଚାଳନା ଓ ବିଡିଓ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଅନନ୍ତ କୁମାର ମେହେର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରପାଲ, ଭେଡେନ ବ୍ଲକ ଜିପିଡ଼ିଓ ନିର୍ମଳ ଲୁଗୁନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳଶିକ୍ଷକ ସୁଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୧୪ ଜଣ ଖେଳଶିକ୍ଷକ ଖେଳ ପରିଚାଳନା କରିଥିଲେ।





ଅତିଥିଙ୍କ ଗହଣରେ ଛତ୍ରୀଛାତ୍ର।

## ଲରମ୍ଭା ମହାବିଦ୍ୟାଳୟ ଇତିହାସ ବିଭାଗରେ ପାଠଚକ୍ର

**ଅତାବିରା, ୧୭।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ସ୍ଥିତ ଲରମ୍ଭା କଲେଜଠାରେ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମଙ୍ଗଳବାର ଇତିହାସ ବିଭାଗରେ ଏକଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସ୍ଥିତ ନେତାଜୀ ସୁବାଷଚନ୍ଦ୍ର ବୋଷ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଡ. ରଘୁମଣି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ଅନ୍ତର୍ଯ୍ୟାମୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରୁଚିତା ମାଝୀଙ୍କ ତତ୍ତ୍ୱାବଧାନରେ ଯୁକ୍ତ ତିନି ଇତିହାସ ବିଭାଗର ଛାତ୍ରୀ ଆକାଂକ୍ଷା ବିଶ୍ୱାଳ, ରୋହିଣୀ ଖାଲସା, ବୈଷ୍ଣବୀ ଧରୁଆ ଓ ଛାତ୍ର ଜିତେନ୍ଦ୍ର ଉନସନା ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅଧ୍ୟାପକ ସିଦ୍ଧେଶ୍ୱର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସି ଧାରଣାରେ ବସିଲେ

**ବୌଦ୍ଧ,୧୭।୨(ଅଜିତ କୁମାର ବାରିକ)**

### ଓଡ଼ିଆ ଭାଷାର ଅପବ୍ୟବହାର ଅଭିଯୋଗ

ରାଜ୍ୟରେ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାରରେ ହରଭଙ୍ଗା ବ୍ଲକରେ ଓଡ଼ିଆ ଭାଷା ସବୁଠାରୁ ଅଧିକ ଦୟନୀୟ ହେଉଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଗତ ଜାନୁଆରୀ ୭ ତାରିଖରେ ଭେଜିଗୋରାଠାରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ନାମ ଫଳକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମ ଆଗରେ 'ଶ୍ରୀ' ଲେଖା ଯାଇଥିବା ବେଳେ ପ୍ରତ୍ୟେକ ପଞ୍ଚାୟତ ଏପରିକି ବ୍ଲକ ମୁଖ୍ୟାଳୟରେ ଥିବା ବ୍ୟାନରରେ ପଞ୍ଚାୟତ ସମିତିର ଭୁଲ ବନାନ ଲେଖାଯାଇଥିଲା। ବ୍ଲକ ପକ୍ଷରୁ ଓଡ଼ିଆ ଭାଷାର ବାରମ୍ବାର ବିକୃତୀକରଣ ବନ୍ଦ ଦାବିରେ ମଙ୍ଗଳବାର ହରଭଙ୍ଗା ବ୍ଲକ ବିଜେଡି ପକ୍ଷରୁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ଯିବା ସମୟରେ କାର୍ଯ୍ୟାଳୟରେ ବିଡ଼ିଓ କିମ୍ବା ଏବିଡ଼ିଓ ଅନୁପସ୍ଥିତ ଥିଲେ। ତାଙ୍କ ଗସ୍ତ ସମ୍ପର୍କରେ କୌଣସି ସୂଚନା ନ ଥିବାରୁ ଜନସାଧାରଣ ବିଭିନ୍ନ ଅଭିଯୋଗ କରିବାକୁ ଆସି ନିରାଶ ହୋଇ ଫେରୁଥିଲେ। ଏହାର ପ୍ରତିବାଦରେ ସେମାନେ ଧାରଣାରେ ବସିଥିଲେ। ପରେ ପୁରୁଣାକଟକ ଆଇଆଇସିଙ୍କ ହସ୍ତକ୍ଷେପ ଯୋଗୁ ବ୍ଲକ ଆକାଉଣ୍ଟସ ଅଫିସର ଏବଂ ଜିପିଓଙ୍କ ପ୍ରତିଶ୍ରୁତି କ୍ରମେ ବୁଧବାର ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ପଙ୍କଜ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ହରି ମିଶ୍ର, ରବିଚନ୍ଦ୍ର ପ୍ରଧାନ, ବାସୁଦେବ ଦେହୁରୀ, ଗରୁଡ଼ ପ୍ରଧାନ, କମଲ କୁମାର ଜଗଦଲା, କାର୍ତ୍ତିକ ବେହେରା, ମକରଧ୍ୱଜ ମେହେର, ହୃଦାନନ୍ଦ ଦେହୁରୀ, ଦିଲ୍ଲୀପ ସାହୁ, ସୁଶାନ୍ତ ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ବିଜେଡି କାର୍ଯ୍ୟକର୍ତ୍ତାମାନେ ଧାରଣାରେ ବସିଛନ୍ତି।

# ଉପଯୁକ୍ତ ମୂଲ୍ୟରେ ସାର ନ ମିଳିଲେ ଆନ୍ଦୋଳନ

**ବରଗଡ଼, ୧୭।୨(ପ୍ରେମାନନ୍ଦ ଖମାରୀ)**



ସାର କଳାବଜାର ଅଭିଯୋଗ ନେଇ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ବରଗଡ଼ ଜିଲାରେ ଚାଷୀଙ୍କ ସମସ୍ୟା ଲାଗି ରହିଛି। ଖରିଫ ଧାନ ବିକ୍ରି ସମସ୍ୟା ତ୍ରୁଟି ନଥିବାବେଳେ ଏବେ ରବି ଋତୁର ଧାନ ଚାଷ ପାଇଁ ସାର କିଣାରେ ଶୋଷଣର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ଚାଷୀମାନେ ଜିଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚରଣ ମାଝିଙ୍କୁ ଫେରାଦ ହୋଇଛନ୍ତି। ବର୍ତ୍ତମାନ ରବି ଋତୁର ଚାଷକାର୍ଯ୍ୟ ଆରମ୍ଭ ହୋଇଗଲାଣି। ଜିଲାର ମଣ୍ଡିଗୁଡ଼ିକରେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ଯେଉଁଥିପାଇଁ ଚଳିତ ଋତୁର ଚାଷକାର୍ଯ୍ୟ ବିଳମ୍ବ ହୋଇଗଲାଣି। ଏହି ସମୟରେ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ଦୌଡ଼ିବ ନା ଚାଷ କାର୍ଯ୍ୟ ପାଇଁ ସାର ଖୋଜିବ, ତାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ମଙ୍ଗଳବାର ଜିଲାର ସୋହେଲା ଓ ଭଟଲି ବ୍ଲକର ଶତାଧିକ ଚାଷୀ ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଆସି ସାର କଳାବଜାରୀ ହେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଖୋଲାବଜାରରେ ନିର୍ଦ୍ଧାରିତ ଦରଠାରୁ ଢେର ଅଧିକ ଦରରେ ସାର ବିକ୍ରି ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାର ସମସ୍ତ ବ୍ଲକରେ କେତେକ ଲାଇସେନ୍ସପ୍ରାପ୍ତ ହୋଲସେଲର ଓ ରିଟେଲର ୟୁରିଆ ସାର ୫୦୦ ଟଙ୍କାରୁ ଅଧିକ ଦରରେ ଏବଂ ଡିଏପି ସାର ୧୮୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ୟୁରିଆ ସାର ପ୍ୟାକେଟ ପ୍ରତି ନିର୍ଦ୍ଧାରିତ ଦର ୨୬୬ଟଙ୍କା ୫୦ ପଇସା ଏବଂ ଡିଏପି ସାର ପ୍ୟାକେଟ ପ୍ରତି ୧୩୫୦ ଟଙ୍କା ରହିଥିବା ବେଳେ ସେଭଳି କଳାବଜାର ଯୋଗୁ ଚାଷୀମାନେ ଶୋଷଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ମାଝି କହିଥିଲେ, ଜିଲାରେ ଭରପୁର ମାତ୍ରାରେ ସାର ମହଜୁଦ ଅଛି। ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୬୦ ଭାଗ ଏବଂ ଲାଇସେନ୍ସପ୍ରାପ୍ତ ରିଟେଲରଙ୍କ ଜରିଆରେ ୪୦ ଭାଗ ସାର ଯୋଗାଇ ଦିଆଯାଉଛି। ସାର କଳାବଜାର ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଯଦି ଉପଯୁକ୍ତ ମୁଲ୍ୟରେ ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦିଆ ନଯାଏ, ତା'ହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ଚେତାବନୀ ଦେଇଛି। ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅକ୍ଷୟ ପ୍ରଧାନ, ଉମେଶ ପ୍ରଧାନ ଆଦି ଚାଷୀ ପ୍ରତିନିଧି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ

ରାଉରକେଲା, ୧୭।୨ (ସଙ୍ଗୀତା ଜେନା)

ରାଉରକେଲାକୁ ବୌଦ୍ଧ ଓ କନ୍ଧମାଳ ଜିଲାରୁ ବେଆଇନ ଭାବେ ଗଞ୍ଜେଇ ଆସୁଥିଲା। ଏଠାରେ ସମସ୍ତ ଗଞ୍ଜେଇକୁ ଏକାଠି କରି କୋର୍ଡ ଅନୁସାରେ ଝାଡଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟକୁ ଚାଲାଣ କରାଯାଉଥିଲା। ଗଞ୍ଜେଇ ସଂଗ୍ରହ କରୁଥିବା ର୍ୟାକେଟ ସୀମିତ ପରିମାଣରେ ଏହାକୁ ଆଣୁଥିଲେ। ଏଥିପାଇଁ ଭିନ୍ନ ଭିନ୍ନ ଟିମ୍ ଦାୟିତ୍ୱ ନେଉଥିଲେ। ଏହାର ସୂଚନା ପାଇଁ ରାଉରକେଲା ପୋଲିସ ବନ୍ଧମୁଣ୍ଡା ଅଞ୍ଚଳରୁ ପ୍ରାୟ ୫ କୁଇଣ୍ଟାଲ ମୂଲ୍ୟର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ଲଇକେରାର ଗୁଣନିଧି ଘୁସି(୩୬), ବିଶ୍ରା ବାଇରଙ୍ଗଜୋରର ଶୁକନାଥ ଓରାମ(୩୭), ପ୍ଲାଣ୍ଟସାଇଟ୍ ଅଞ୍ଚଳର ରାହୁଲ ସାହୁ(୨୫), ଜନତା ନିବାସଗଳିର ନିଖିଲ ରାୟ(୨୩), ଝାରସୁଗୁଡ଼ା ଲଇକେରା କୌଶିକ ପାଢ଼ୀ(୩୧) ଏବଂ ସେକ୍ଟର-୨୧ ଅଞ୍ଚଳର ନୀରଜ ସୋନକର(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୯/୨୬) ରୁଜୁ କରି ଉକ୍ତ ୬ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ପ୍ରାୟ ୫ କୁଇଣ୍ଟାଲ ୨ କେଜି ଗଞ୍ଜେଇ, ୪ଟି କାର୍, ଗୋଟିଏ ବୋଲେରୋ, ନଗଦ ୨୩ଶହ ଟଙ୍କା ଏବଂ ମୋବାଇଲ ଆଦି ଜବତ ହୋଇଛି। ଏ ନେଇ ମଙ୍ଗଳବାର ଅପରାହ୍ନ ୧ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ଜୋନ୍ -୨ ଡିଏସ୍‌ପି ଯତୀନ୍ଦ୍ର ସେଠୀ, ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିବସ୍ ପ୍ରଧାନ ଉକ୍ତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ରାଉରକେଲା ଏସ୍‌ପି ୱାଧୱାନୀ ସୂଚନା ପ୍ରଦାନ କରି କହିଲେ, ଗଞ୍ଜେଇ ଏବଂ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଟିମ୍‌କୁ ଶିବଶଙ୍କର ନଗର ଫଟାପାଇପ୍ ନିକଟରେ କିଛି ଲୋକଙ୍କ ଉପରେ ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା। ଜବତ ସାମଗ୍ରୀ ୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଉକ୍ତ ଗଞ୍ଜେଇ ଚାଲାଣ ଅତି ସତର୍କତା ସହିତ କରାଯାଉଥିଲା। ସ୍ଥାନ ଅନୁଯାୟୀ ବିଭିନ୍ନ ଟିମ୍ ନିୟୋଜିତ ହୋଇଥିଲେ। ଗତ ବର୍ଷେ ହେଲା ପ୍ରାୟ ୧ଟନ୍ ଗଞ୍ଜେଇ ଓ ନିଶାଦ୍ରବ୍ୟ ଧରାପଡିଛି। ଅଭିଯୁକ୍ତ ନୀରଜଙ୍କ ବିରୋଧରେ ୨ଟି ଓ ନିଖିଲଙ୍କ ବିରୋଧରେ ଗୋଟିଏ ଆପରାଧିକ ମାମଲା ରେକର୍ଡ ହୋଇଛି। ଏହା ରାଉରକେଲାର ଏକ ବଡ଼ ଅପରେଶନ ବୋଲି ଏସ୍‌ପି କହିଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।


ଜବତ ହୋଇଥିବା ଗଞ୍ଜେଇ।

**ଚାଲାଣ ବେଳେ ମାଡ଼ିବସିଲା ପୋଲିସ**

# ମଧୁବାବୁ ଥିଲେ ବିରଳ ବ୍ୟକ୍ତିତ୍ୱ

**ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ**

ରାଉରକେଲା, ୧୭।୨ (ଦିନେଶ ମିଶ୍ର)

ରାଉରକେଲା ଜେଲ ରୋଡ୍‌ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ପରିସରରେ ସୋମବାର ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ଏକ ମନୋଜ୍ଞ ମାସିକ ସାହିତ୍ୟ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାହିତ୍ୟ ଉତ୍ସବରେ କବି ବଜେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଧୁବାବୁ ଥିଲେ ଓଡିଆ ସାହିତ୍ୟ ଜଗତର ବିରଳ ବ୍ୟକ୍ତିତ୍ୱ। ଓଡିଶାରେ ସାହିତ୍ୟ ଓ ସମାଜକୁ ଦିଗ୍‌ଦର୍ଶନ ଦେବାରେ ମଧୁବାବୁଙ୍କ ଲେଖା ପ୍ରଭାବିତ କରିଥିଲା ବୋଲି ଦାଶ କହିଥିଲେ। ଶିକ୍ଷାବିତ୍ ନିଶିକାନ୍ତ ମିଶ୍ର ମୁଖ୍ୟବକ୍ତା, ସମାଜସେବୀ ବିଚିତ୍ରାନନ୍ଦ ସାହୁ, ସାହିତ୍ୟିକ ବିଜୟ ସାହୁ ଏବଂ ପୁଲିନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଡ. ସୁବାସ ଚନ୍ଦ୍ର ଲେଙ୍କା ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ରାଉରକେଲାର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସାରସ୍ୱତ ସମାବେଶରେ ଭଗବଦ୍ ଗୀତା ଆଲୋଚନା


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା, ୧୭।୨ (ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖାର କେଶବ ନଗର ଶାଖା ତରଫରୁ ମାସିକ ସାରସ୍ୱତ ସମାବେଶ ସେକ୍ଟର-୬ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ବିଜୟିନୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧ୍ୱୀ ପ୍ରତିଭା ଚୈତନ୍ୟ ବିଷୟ ବିଶେଷଜ୍ଞ, ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ଭଗବତ୍ ଗୀତା: ସାମ୍ପ୍ରତିକ ଛାତ୍ର ଜୀବନରେ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ଭଗବତ୍ ଗୀତା କିପରି ଆମ ସାମଗ୍ରିକ ଜୀବନକୁ ପ୍ରଭାବିତ କରିବା ସହ ସତ୍‌ପଥରେ ଯିବା ପାଇଁ ପ୍ରେରିତ କରିଥାଏ ତଥା ଏହା ମାଧ୍ୟମରେ ଛାତ୍ର ଜୀବନ କିପରି ଶୃଙ୍ଖଳିତ, ସଂସ୍କାରିତ ହୋଇଥାଏ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାକ୍ କଥନ ରଖିଥିବାବେଳେ ବିଦ୍ୟାଳୟ ପ୍ରମୁଖ ଅନୁରାଧା ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସୁଶ୍ରୀ ଶ୍ରୁତିଶ୍ରିୟା ପଲାଇ, ସୁଶ୍ରୀ ଶୁଭଶ୍ରୀ ରାଉତ, ସୁଶ୍ରୀ ସ୍ୱାତୀ ପରିଡାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହ ସମ୍ପାଦିକା ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ପୁଷ୍ପଲତା ବିଶ୍ୱାଳ, ପ୍ରତିଭା ସାହୁ, ଅଞ୍ଜନା ବାରିକ, ପୁଷ୍ପଲତା ଦାସ, ନନ୍ଦିତା ମଲ୍ଲିକ, ସୁଜାତା ମହାନ୍ତି, ଲକ୍ଷ୍ମୀ ପରିଡା, ବିନୋଦିନୀ ପାତ୍ର, ଅଳକା ମହାନ୍ତି, ସବିତା ମହାପାତ୍ର, ଲଳିତା ବେହେରା, ସୁମିତ୍ରା ମିଶ୍ର, ଗୀତାଞ୍ଜଳି ରଣା, ଜନ୍ମେଞ୍ଜୟ ସୁଆର, ଶ୍ୟାମସୁନ୍ଦର ସେଠୀ, ମାନସୀ ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।

# ଜଙ୍ଗଲ ଉତ୍ପାଦର ମୂଲ୍ୟବୃଦ୍ଧି, ପ୍ରକ୍ରିୟାକରଣ ବିକାଶ କାର୍ଯ୍ୟକ୍ରମ

ରାଉରକେଲା, ୧୭।୨ (ସଙ୍ଗୀତା ଜେନା)

ବଜାର ସମ୍ଭାବନାକୁ ସର୍ବାଧିକ କରିବା ପାଇଁ ଏମ୍ଏସ୍ଏମ୍ଇ ଦ୍ୱାରା ଉଦ୍ୟାନ ଓ ଜଙ୍ଗଲ ଉତ୍ପାଦର ମୂଲ୍ୟବୃଦ୍ଧି ଏବଂ ପ୍ରକ୍ରିୟାକରଣ ଉନ୍ନତି ପରିଚାଳନା ବିକାଶ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ରାଉରକେଲା ଏନ୍ଆଇଟିର ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗ ଏବଂ ଫାଉଣ୍ଡେଶନ ଟେକ୍‌ନୋଲୋଜି ଆଣ୍ଡ ବିଜିନେସ୍ ଇନ୍‌କ୍ୟୁବେଶନ (ଏଫ୍‌ଟିବିଆଇ) ଦ୍ୱାରା ମିଳିତ ଭାବେ ଉଦ୍ୟୋଗତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏହା ଆୟୋଜିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ସବ୍ୟସାଚୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଫ୍‌ଟିବିଆଇ ସଭାପତି ପ୍ରଫେସର ସୁବ୍ରତ ପଣ୍ଡା, ପାଠ୍ୟକ୍ରମ ସଂଯୋଜକ ପ୍ରଫେସର ଅରୁଣ ପ୍ରସାଦ ଭେଣୁଗୋପାଳ ଏବଂ ପ୍ରଫେସର ବିବେକ କାମ୍ପଭାତି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଗତ ୯ ତାରିଖରୁ ଆରମ୍ଭ ହୋଇ ୧୪ତାରିଖରେ ସମାପନ ହୋଇଥିଲା। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ସମୃଦ୍ଧ ବିଶେଷଜ୍ଞ ବକ୍ତୃତା, ବ୍ୟବହାରିକ ପ୍ରଦର୍ଶନ, ଶିଳ୍ପ ପରିଦର୍ଶନ, ପାରସ୍ପରିକ ଜ୍ଞାନ ଆହରଣ ଅଧିବେଶନ କରାଯାଇଥିଲା। ଏଥିରେ ଏମ୍ଏସ୍ଏମ୍ଇ, ଶିକ୍ଷାନୁଷ୍ଠାନ, ଷ୍ଟାର୍ଟଅପ୍, ଏଫ୍‌ପିଓ, ଏସ୍ଏଚ୍‌ଜି ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଡ. ରବିନ୍ଦ୍ର ନାୟକ, ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ଡ. ଆର୍. ପାଣ୍ଡିସେଲଭମ୍, ଡ. ଅନେନ୍ଦୁଲୁ କୋଠାକୋଟା, ପ୍ରଫେସର ମଧୁରେଶ ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏଫ୍‌ଟିବିଆଇ ସିଇଓ ଚିରଞ୍ଜୀବୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀ।

# ଶ୍ରମିକ ସଂଘ ମେଣ୍ଟ ଭାଙ୍ଗିବା ଅଭିଯୋଗ କଲା ବିଏମ୍ଏସ୍



ସମ୍ମିଳନୀରେ ବିଏମ୍ଏସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୧୭।୨ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍‌ପି)ରେ ୨୦୨୪ ନଭେମ୍ବର ୧୫ରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଶ୍ରମିକ ସଂଘ (ଆର୍ଏସ୍ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍ଏମ୍) ମିଳିତ ଭାବେ ବିଜୟୀ ହୋଇଥିଲେ। ଜିଏମ୍ଏମ୍ ନିର୍ବାଚନ ନ ଲଢି ଆର୍ଏସ୍ଏସକୁ ସମର୍ଥନ କରିଥିଲା। ମେଣ୍ଟ ସ୍ୱୀକୃତି ପାଇବା ପରେ କାରଖାନାର ବିଭିନ୍ନ ଯୁଗ୍ମ କମିଟିରେ ଏହାର ପଦାଧିକାରୀମାନେ ୬୦ ଓ ୪୦ ଭାଗ ଅନୁପାତରେ ଅବସ୍ଥାପିତ ହୋଇଥିଲେ। ତେବେ ନିର୍ବାଚନରେ ଆଦୌ ଅଂଶଗ୍ରହଣ କରି ନ ଥିବା ଜିଏମ୍ଏମ୍‌ର ପଦାଧିକାରୀମାନେ କିପରି ଯୁଗ୍ମ କମିଟିରେ ସାମିଲ ହୋଇଛନ୍ତି ବୋଲି ବିଏମ୍ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍)ର ସାଧାରଣ ସମ୍ପାଦକ ହିମାଂଶୁ ବଳ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନର ଏବଂ କାରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ୨୦୨୫ ସେପ୍ଟେମ୍ବର ୧୬ତାରିଖରେ ଉଭୟ କର୍ତ୍ତୃପକ୍ଷ ଜିଏମ୍ଏମ୍‌କୁ କମିଟିଗୁଡ଼ିକରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଆର୍ଏସ୍ଏସ୍ ଜିଏମ୍ଏମ୍‌ର ସମସ୍ତ ପଦାଧିକାରୀଙ୍କୁ କମିଟି ଗୁଡ଼ିକରୁ ବାହାର କରିଥିଲା। ଏହାପରେ କୁଆଡେ ଆର୍ଏସ୍ଏସ୍ ଓ ଜିଏମଏମ୍ ମେଣ୍ଟରେ ଫାଟ ସୃଷ୍ଟି ହେବାରୁ ଜିଏମ୍ଏମ୍ ମେଣ୍ଟରୁ ଓହରିଯାଇଛି ବୋଲି ବିଏମ୍ଏସ୍‌ର ସାଧାରଣ ସମ୍ପାଦକ ବଳ ମଙ୍ଗଳବାର ସନ୍ଧ୍ୟା ୬ଟାରେ ସେକ୍ଟର-୪ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏଥିରେ ରାଜେନ୍ଦ୍ର ନାଥ ମହାନ୍ତ, ସମିତା ମିଶ୍ର, ରୀତାରାଣୀ ସ୍ୱାଇଁ, ରିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ, ଏ ସମ୍ପର୍କରେ ଆର୍ଏସ୍ଏସ୍ ଉପସଭାପତି ନିହାର ଦାସଙ୍କୁ ପଚରାଯିବାରୁ ସେ କହିଲେ, କେନ୍ଦ୍ରରେ ସରକାର ଥିବା ଯୋଗୁ ଚାପ ପ୍ରୟୋଗ କରି ସେମାନେ ଜିଏମ୍ଏମ୍‌କୁ କମିଟିଗୁଡ଼ିକରୁ ଉଚ୍ଛେଦ କରିଦେଲେ। ଆସନ୍ତା ନିର୍ବାଚନ ଆହୁରି ୧ବର୍ଷ ଅଛି। ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ଆମ ମେଣ୍ଟ ଜାରି ରହିବ। ମେଣ୍ଟରୁ ଓହରିଥିବା ଜିଏମ୍ଏମ୍ ବିଧିବଦ୍ଧ ଭାବେ କୌଣସି ଘୋଷଣା କରିନାହିଁ। ତେଣୁ ଏବେ ମଧ୍ୟ ମେଣ୍ଟ ଜାରି ରହିଛି। ଆଗାମୀ ଦିନରେ ଏ ନେଇ ସୂଚନା ପ୍ରଦାନ କରାଯିବ ବୋଲି ଉପସଭାପତି ଦାସ କହିଛନ୍ତି।

# ବାର୍‌ହା ଶିକାର ଅଭିଯୋଗରେ ୫ ଗିରଫ


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୧୭।୨ (ବିପ୍ଳବ ରଞ୍ଜନ ଦାଶ)

ଜଙ୍ଗଲୀ ବାର୍‌ହା ଶିକାର ଅଭିଯୋଗରେ ରାଉରକେଲା ବନ ବିଭାଗ ରଘୁନାଥପାଲ୍ଲୀ ଥାନା ଅଧୀନ କନସର ଗ୍ରାମର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନସର ଗ୍ରାମର ଫତେହ ସିଂ(୬୭), ପଙ୍କଜ କୁମାର ସିଂ (୩୧), ବିତନ ସିଂ((୪୦), ପ୍ରଦୀପ ସିଂହ(୩୪) ଏବଂ ଦେବଗଡ ଜିଲା କୁରଇବାହାଲ ଗ୍ରାମର ଦୁଃଖବନ୍ଧୁ ସିଂ(୨୪)। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ କୋର୍ଟ ଚାଲାଣ କରାଯାଇଛି। ଜଙ୍ଗଲୀ ବାର୍‌ହା ଶିକାର ହେଉଥିବା ସୂଚନା ପାଇ ସୋମବାର ରାଉରକେଲା ବନଖଣ୍ଡ ଏସିଏଫ୍ ଗଜେନ୍ଦ୍ର ପାଲ ସିଂହଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରିଥିଲା। ତଦନ୍ତ ବେଳେ କନସର ଗ୍ରାମର ଫତେହ ସିଂଙ୍କ ଘରେ ବାର୍‌ହା ମାଂସ, ଶିଙ୍ଗ, ଚୁଟି, ଛାଲ ସହିତ ଶିକାରରେ ବ୍ୟବହୃତ ଫାଶ ଓ ମାରଣାସ୍ତ୍ର ଜବତ କରାଯାଇଥିଲା। ପଚରାଉଚୁରା କରାଯିବାରୁ ଏହା ପଛରେ ଅନ୍ୟ ୪ଜଣ ଶିକାରୀ ସମ୍ପୃକ୍ତ ଥିବା ଜଣାପଡିଥିଲା ଏବଂ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ମଙ୍ଗଳବାର ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

# ସିବିଏସ୍‌ଇ ୧୦ମ, ଦ୍ୱାଦଶ ପରୀକ୍ଷା ଆରମ୍ଭ

ରାଉରକେଲା, ୧୭।୨ (ସଙ୍ଗୀତା ଜେନା)

ସିବିଏସ୍‌ଇ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା କଡ଼ା ସୁରକ୍ଷାରେ ମଙ୍ଗଳବାର ଆରମ୍ଭ ହୋଇଛି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ପ୍ରାୟ ୧୫ ହଜାର ଛାତ୍ରୀଛାତ୍ରୀ ୧୦ମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଛନ୍ତି। ରାଉରକେଲାରେ ଉକ୍ତ ବୋର୍ଡର ଛାତ୍ରୀଛାତ୍ରମାନେ ସେକ୍ଟର-୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ, ବାସନ୍ତୀ କଲୋନି ଡିଏଭି ସ୍କୁଲ, ସେକ୍ଟର-୫ ସ୍ଥିତ ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ବନ୍ଧମୁଣ୍ଡାରେ ପରୀକ୍ଷା ଦେଉଛନ୍ତି। ସେହିପରି ଲାଠିକଟା, ମହିପାଣି ଏବଂ ବିଶ୍ରାରେ ଥିବା ଓଡ଼ିଶା ମଡେଲ୍ ସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ପରୀକ୍ଷା ଦେଉଛନ୍ତି। ସୁନ୍ଦରଗଡ଼ ସହରରେ ସୁନ୍ଦରଗଡ଼ ପବ୍ଲିକ୍ ସ୍କୁଲ, ଦର୍ଶନ ଏକାଡେମୀ, କେନ୍ଦ୍ରୀୟ ବିଦ୍ୟାଳୟ ସୁନ୍ଦରଗଡ଼ ଏବଂ ରାଜଗାଙ୍ଗପୁରର ଡାଲମିଆ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ମଧ୍ୟ ପରୀକ୍ଷା ଦେଉଛନ୍ତି। କାଂସବାହାଲ ଡିଏଭି ସ୍କୁଲ ଏବଂ ଟେନ୍‌ସା ଡିଏଭି ସ୍କୁଲ କେନ୍ଦ୍ରରେ ମଧ୍ୟ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଥିବା ଦେଖିବାକୁ ମିଳିଛି। ରାଉରକେଲା ଭଳି ସହରରେ ପରୀକ୍ଷା କେନ୍ଦ୍ରଗୁଡିକରେ ଭିଡ଼ ରହୁଥିବାରୁ ଛାତ୍ରୀଛାତ୍ରମାନଙ୍କୁ ସକାଳ ସାଢେ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଥିଲା।


ପରୀକ୍ଷା ସରିବା ପରେ ପିଲାମାନେ କେନ୍ଦ୍ରରୁ ବାହାରୁଛନ୍ତି।

# ମାସିକ ସାହିତ୍ୟ ଆସର, ଆଲୋଚନାଚକ୍ର

ରାଉରକେଲା, ୧୭।୨ (ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ସୋମବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ. ଅଭୟ କୁମାର ଦାସ ସଭାପତିତ୍ୱ କରିଥିଲେ। ସାଙ୍ଗଠନିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ରାମକୃଷ୍ଣ ତ୍ରିପାଠୀ ସମ୍ମାନିତ ଅତିଥି, ଅଧ୍ୟାପିକା ଡ. ଅର୍ଚ୍ଚନା ନନ୍ଦ ମୁଖ୍ୟବକ୍ତା ଭାବେ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଭାଙ୍ଗିଯାଉଥିବା ଯୌଥ ପରିବାର ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମୟରେ ସାମାଜିକ ମୂଲ୍ୟବୋଧ କମିବାରେ ଲାଗିଛି। ଆର୍ଥିକ ଅଭିବୃଦ୍ଧି ହେଉ ଅବା ଏକକ ରହିବାର ମାନସିକତା ପାଇଁ ଏକକ ପରିବାର ବୃଦ୍ଧି ପାଇବାରେ ଲାଗିଛି। ଯୌଥ ପରିବାରରେ ଦାୟିତ୍ୱ ଅଧିକ ଥାଏ। ବଡ଼ମାନେ ସାନମାନଙ୍କ ପାଇଁ ଉଦାହରଣ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଓ ବ୍ରଜେନ୍ଦ୍ର ଦାଶ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଗାଳ୍ପିକ ଗୌତମ ଦାସ 'ଠିକଣା' ଶୀର୍ଷକ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଜୁଳା କୁମାରୀ ରଥଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ସୁବାସ ମହାପାତ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ସୂର୍ଯ୍ୟନାରାୟଣ ପଣ୍ଡା, କିଶୋରୀ ମୋହନ କର, ବାସନ୍ତୀ ପାତ୍ର, ଇତିଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

# ରାଜ୍ୟ କବାଡ଼ିରେ ଆର୍‌ଏସ୍‌ପି ମହିଳା ଦଳର କୃତିତ୍ୱ

ରାଉରକେଲା, ୧୭।୨ (ବିପ୍ଳବ ରଞ୍ଜନ ଦାଶ)

କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଫେବୃଆରୀ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୭୩ତମ ସିନିୟର ରାଜ୍ୟ କବାଡି ଚାମ୍ପିୟନଶିପ୍‌ରେ ଆର୍ଏସ୍‌ପିର ମହିଳା କବାଡି ଦଳ ପ୍ରଭାବଶାଳୀ ପ୍ରଦର୍ଶନ ପୂର୍ବକ ତୃତୀୟ ସ୍ଥାନ ହାସଲ କରିଛି। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ପ୍ରାୟ ୩୦ ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଆର୍ଏସ୍‌ପି ମହିଳା ଦଳ ତିନୋଟି ଲିଗ୍ ମ୍ୟାଚ୍ ଜିତି ଲିଗ୍ ଟେବୁଲର ଶୀର୍ଷରେ ରହିଥିଲା। ନିଜର ବିଜୟ ଧାରା ଜାରି ରଖି ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼କୁ ୨୮-୧୯ରେ ପରାସ୍ତ କରିଥିଲା ଏବଂ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ୱାର୍ଟରଫାଇନାଲରେ ପୁରୀକୁ ୩୫-୩୩ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ କିଟ୍‌ଠାରୁ ପରାସ୍ତ ହୋଇ ସାମଗ୍ରିକ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ଦଳରେ ସୁମିତ୍ରା ମୁଣ୍ଡାରୀ (ଅଧିନାୟିକା), ସତ୍ୟବତୀ ବାଗ, ମିଲିଆ କୁଜୁର, ସୁନିତା ମହାକୁଲ, ନିକି ରାଉତ, ମମତା ମୁଣ୍ଡାରୀ, ସନିଧା ମିଞ୍ଜ, ଟ୍ୱିଙ୍କିଲ୍ କିଷାନ ଏବଂ ସୁମତି ମାଝୀ ସାମିଲ ଥିଲେ। ଉଲ୍ଲେଖନୀୟ, ସୁମିତ୍ରାଙ୍କୁ ତାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଦୁଇଟି ଖେଳରେ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ବିବେଚିତ କରାଯାଇଥିଲା। ଆର୍ଏସ୍ (ଏମ୍) ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ସୁକୁରୁ ତନ୍ତି ଏବଂ ଜଳ ଯୋଗାଣ (ଟାଉନ୍) ବିଭାଗର ଜୁନିଅର ଇଞ୍ଜିନିୟର କାମେଶ୍ୱର ସିଂହ ଦଳର ପ୍ରଶିକ୍ଷକ ରହିଥିବା ବେଳେ ସୁଶ୍ରୀ ତିଳୋତ୍ତମା ଅଗ୍ରୱାଲ ମ୍ୟାନେଜର ଥିଲେ।



ଆର୍ଏସ୍‌ପି ମହିଳା କବାଡ଼ି ଟିମ୍।

**ସରାପାଲି ହାଇସ୍କୁଲରେ ଅଗ୍ନି ନିରାପତ୍ତା ମକଡ୍ରିଲ**

ନାକଟିଦେଉଳ,(ବୈକୁଣ୍ଠନାଥ ସାହୁ): ନାକଟିଦେଉଳ ବ୍ଲକ ସରାପାଲି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ଧରଣର ଅଗ୍ନି ନିରାପତ୍ତା ସୁରକ୍ଷା ସମ୍ପର୍କିତ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ଅଗ୍ନିଶମ ବିଭାଗ ସହ କେନ୍ଦ୍ର ଅଧିକାରୀ ବିଷିକେଶନ ସାହୁ, ଅଗ୍ନିକ ଅରୁଣ କୁମାର ବେହେରା, ଚିରଞ୍ଜୀବ ଦାଶ, ବିଭୂତି ଭୂଷଣ ସାହୁ, ଯୋଗଦେଇ ରୋଷେଇ ଘରେ ଗ୍ୟାସ ନିଆଁ, କଡେଇ ତେଲ ନିଆଁ, ଜଙ୍ଗଲ ନିଆଁ ଆଦି ସମ୍ପର୍କରେ ସୂଚନା ଦେଇ ଅଗ୍ନିକାଣ୍ଡ ଦୁର୍ଘଟଣାରୁ କିପରି ନିଜକୁ ସୁରକ୍ଷିତ ରଖିବେ ଛାତ୍ରୀଛାତ୍ରଙ୍କୁ ବୁଝାଇ ମକଡ୍ରିଲ କରି ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ନମୁନା କରି ଦେଖାଇଥିଲେ।

# ପଞ୍ଚଭୂତରେ ଲୀନ ହେଲେ ରାସେଶ୍ୱରୀ



ରାଜଘାଟ ଅଭିମୁଖେ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

ପଞ୍ଚଭୂତରେ ଲୀନ ହୋଇଛି ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ସମାଜସେବୀ ଓ ବିଶିଷ୍ଟ ଚିକିତ୍ସକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପାର୍ଥିବ ଶରୀର। ସ୍ଥାନୀୟ ରାଜଘାଟରେ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ସ୍ୱରୂପ ପାଣିଗାହୀ ମୁଖାଗ୍ନି ଦେଇଥିଲେ।

ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଡା. ପାଣିଗ୍ରାହୀଙ୍କ ସୋମବାର ରାତି ୮ଟା ୫୦ରେ ପରଲୋକ ହୋଇଥିଲା। ମଙ୍ଗଳବାର ସକାଳେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଇଂ. ରୋହିତ ପୂଜାରୀ, ଭାଜପା ନେତା ନାଉରୀ ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଦାମୋଦର କର, ଡ. ପ୍ରମୋଦ ରଥ, କଂଗ୍ରେସ ଜିଲା ସଭାପତି ଅମିତ କୁମାର ଗୁରୁ, ଦୁର୍ଗା ପାଢ଼ୀ, ଜୟଶଙ୍କର ମିଶ୍ର, ଶିକ୍ଷାବିତ୍ ଶଙ୍କର ପ୍ରସାଦ ପତି, ଅର୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ ମହାପାତ୍ର, ଡ. ଅନ୍ତର୍ଯ୍ୟାମୀ ପଣ୍ଡା, ଡା. କବୀରଦାସ ପୁରୋହିତ, ଡ. ପରେଶ ଚନ୍ଦ୍ର ଦାନୀ, ଜିଲା ରେଡକ୍ରସ୍ ସମ୍ପାଦିକା

**ଶେଷ ଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି**

ରୋଜାଲିନ୍ ତିର୍କୀ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ସମ୍ବଲପୁର ଶାନ୍ତିନଗରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

ଏହାପରେ ପରେ ଅନ୍ତିମ ଯାତ୍ରାରେ ତାଙ୍କ ପାର୍ଥିବ ଶରୀର ବାହରି ବୁଢ଼ାରଜା ବୁଢ଼ିମା' ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ଏକ ସୁସଜ୍ଜିତ ରଥରେ ତାଙ୍କ ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସମଲେଶ୍ୱରୀ ମନ୍ଦିର ନିକଟରେ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଶୋଭାଯାତ୍ରା ରାଜଘାଟରେ ପହଞ୍ଚି ଥିଲା। ଅପରାହ୍ନ ପ୍ରାୟ ୪ଟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ବୁର୍ଲା, ହୀରାକୁଦ ଓ ସମ୍ବଲପୁରର ଡାକ୍ତର, ସମାଜସେବୀ, ଶିକ୍ଷାବିତ୍, ରାଜନୈତିକ ବ୍ୟକ୍ତି ଓ ସମାଜର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାସେଶ୍ୱରୀଙ୍କୁ ଶ୍ରଦ୍ଧାଞ୍ଜଳି



ଜଗନ୍ନାଥ କଲୋନୀରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଦସ୍ୟ ବୃନ୍ଦ।

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**

**ସେତୁ:** ସେତୁ ଅନୁଷ୍ଠାନ ପକ୍ଷରୁ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ମଙ୍ଗଳବାର ଗଭୀର ଶୋକପ୍ରକାଶ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ରାଜଘାଟଠାରେ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ଆଭାସି ଜରିଆରେ ଏକ ଶୋକସଭା କରାଯାଇ ଡା. ପାଣିଗ୍ରାହୀଙ୍କ ଜୀବନଦର୍ଶନ ବିଷୟରେ ସ୍ମୃତିଚାରଣ କରାଯାଇଥିଲା। ସଭାପତି ଡ. ମୀନକେତନ ପାଠୀ, ସମ୍ପାଦକ ହରିନାରାୟଣ ପଣ୍ଡା, ଡା. ରମାବଲ୍ଲଭ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। **ଯୁବ ଉଦୟନ:** ଝାଡୁଆପଡା ଯୁବ ଉଦୟନ ଅନୁଷ୍ଠାନ ପକ୍ଷରୁ ଏକ ଶୋକସଭା ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥସାରଥୀ ମିଶ୍ର, ଜଗଦୀଶ ମିଶ୍ର, ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। **ଭୀମ ଭୋଇ ସାହିତ୍ୟ ସଂସଦ:** ଭୀମଭୋଇ ନଗରସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ସଭାପତି ନୌବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ମୃତିସଭାରେ ସରୋଜ ପଟ୍ଟନାୟକ, ବିଶ୍ୱେଶ୍ୱର କୁଲାରି, ଜୟଦେବ ବଗର୍ତ୍ତୀ, ଅକ୍ଷୟ ତରାଇ, ଅଜୟ ନନ୍ଦ ପ୍ରମୁଖ ଡାକ୍ତର ପାଣିଗ୍ରାହୀଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ। **ଓଡ଼ିଶା ସାଂସ୍କୃତିକ ସମାଜ:** ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଡ. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଡ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଡା. କବୀର ପୁରୋହିତ, ଡ ପ୍ରଶାନ୍ତ ମିଶ୍ର ରାସେଶ୍ୱରୀଙ୍କ ନିସ୍ୱାର୍ଥପର ସେବା ବିଷୟରେ କହିଥିଲେ। ସଭାରେ ଡ. ସୁରେଶ ଚନ୍ଦ୍ର ଦାନି, ଅରବିନ୍ଦ ମହାପାତ୍ର, ଅର୍ଜୁନ ରଞ୍ଜନ ପଣ୍ଡା, ରତ୍ନଭୂଷଣ ପୃଷେଠ ଉପସ୍ଥିତ ଥିଲେ। **ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ:** ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ପକ୍ଷରୁ କ୍ଲବ ପରିସରରେ ସୁଶାନ୍ତ କୁମାର ନାଥଙ୍କ ସଭାପତିତ୍ୱରେ ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଭାରେ ସମ୍ପାଦକ ସମରଜିତ ପଟ୍ଟନାୟକ, ଉପସଭାପତି ପ୍ରିୟବ୍ରତ ବାବୁ, ସୁବୋଧ ଦାସ, ଇଂ ସୁବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୧୯ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ପ୍ରଶାସନ ଓ ଜିଲା ଦକ୍ଷତା ବିକାଶ ନିୟୋଜନ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପିଏଚ୍‌ଡି ପଡ଼ିଆ(ବିର୍ସାମୁଣ୍ଡା ମୈଦାନ)ରେ ଆସନ୍ତା ୧୯ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜିଲାସ୍ତରୀୟ ନିଯୁକ୍ତିମେଳା ହେବ। ଜିଲାର ନିଯୁକ୍ତି ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏହି ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଘରୋଇ ସଂସ୍ଥା ଯୋଗଦେଇ ଯୋଗ୍ୟତା ଭିତ୍ତିରେ ପ୍ରାର୍ଥୀମାନଙ୍କୁ ଚୟନ କରି ନିଯୁକ୍ତି ଦେବେ। ମେଳାରେ ଯୋଗ ଦେଉଥିବା କେତେକ ସଂସ୍ଥାରେ ପ୍ରାର୍ଥୀମାନଙ୍କୁ ସିଧାସଳଖ ନିଯୁକ୍ତିର ସୁବିଧା ଥିବାବେଳେ କେତେକ ସଂସ୍ଥା ପ୍ରାର୍ଥୀ ଚୟନ କରି ନିଯୁକ୍ତିଭିତ୍ତିକ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ। ତେଣୁ ଜିଲାର ଚାକିରୀ ଅନ୍ୱେଷଣରେ ଥିବା ୮ମ ଶ୍ରେଣୀରୁ ଊର୍ଦ୍ଧ୍ୱ, ଦଶମ ଶ୍ରେଣୀ ପାସ୍, ଆଇଟିଆଇ ଡିପ୍ଲୋମା, ଯୁକ୍ତ ୨ ପାସ୍, ଯୁକ୍ତ ୩ ଡିଗ୍ରୀ, ବିଟେକ୍ ଡିଗ୍ରୀଧାରୀ ୧୮ରୁ ୩୫ ବର୍ଷ ଆଶାୟୀ ଯୁବତୀ ଓ ଯୁବକ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ପାସପୋର୍ଟ ଫଟୋ ସହ ପିଏଚ୍‌ଡି ପଡ଼ିଆ ନିଯୁକ୍ତି ମେଳାରେ ପହଞ୍ଚିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ମଜଦୁର ମହାସଂଘର ଧାରଣା

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

ପଶ୍ଚିମ ଓଡ଼ିଶାର ୯ଟି ଜିଲାରେ ଟାଟା ପାୱାରର ଠିକାସଂସ୍ଥା ବିନା କାରଣରେ ଠିକା କର୍ମଚାରୀଙ୍କ ଛଟେଇ କରୁଛି। ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ଏହା ବିରୋଧରେ ସମ୍ବଲପୁର ଜିଲା ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହେବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଆସନ୍ତା ୨୦ତାରିଖରେ ମୂଳ ସଂସ୍ଥା ଟାଟା ପାୱାର ଓ ଏହାର ଠିକା ସଂସ୍ଥାର ଅଧିକାରୀଙ୍କୁ ଡାକି ଏହାର ସମାଧାନ କରିବାକୁ ଜିଲା ଶ୍ରମ ଆୟୁକ୍ତ ପ୍ରତିଶ୍ରୁତି ଦେବା ପରେ ସଂଘ ସଦସ୍ୟମାନେ ଧାରଣାରୁ ଓହରିଥିଲେ। ସଂଘର ସାଙ୍ଗଠନିକ ସମ୍ପାଦକ ବିଶ୍ୱୟ ହୋତା କହିଛନ୍ତି, ଟାଟା ପାୱାରରେ ନିଯୁକ୍ତ ବିଭିନ୍ନ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କୁ ବିନା କାରଣରେ ଏକ ମାସର ନୋଟିସ୍‌ରେ ଛଟେଇ କରାଯାଉଛି। ଫଳରେ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡ଼ିଛି। ଏପରିକି ଠିକା ଶ୍ରମିକ ଓ କର୍ମଚାରୀଙ୍କୁ ଠିକା ସଂସ୍ଥା ପକ୍ଷରୁ ଧାର୍ଯ୍ୟ ସର୍ବନିମ୍ନ ମଜୁରି ଦିଆ ଯାଉନାହିଁ। ଦୈନିକ ୮ ଘଣ୍ଟା ବଦଳରେ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରାଇ ଶ୍ରମ ଆଇନ୍ ଉଲଂଘନ କରୁଛି ବୋଲି ହୋତା ଅଭିଯୋଗ କରିଛନ୍ତି। ଧାରଣାରେ ମହସଂଘ ସାଙ୍ଗଠନିକ ସମ୍ପାଦକ ବିଶ୍ବୟ ହୋତାଙ୍କ ସହ ସମ୍ବଲପୁର ଜିଲା ସଭାପତି ତପନ ହୋତା, ସମ୍ପାକଦ ସୀତାକାନ୍ତ ମହାପାତ୍ର, ଅଶୁତୋଷ ବିଶି, ଦିଲୀପ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

**ଶିଶୁକନ୍ୟା ବଳାତ୍କାର ମାମଲା**

**ରେକର୍ଡ ୭୯ ଦିନ ମଧ୍ୟରେ ପ୍ରକାଶ**

ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡେରପୁର ପଞ୍ଚାୟତ ଅନ୍ତର୍ଗତ ବେହେରାପାଲି ଗ୍ରାମରେ ୨୦୨୫ ମସିହାରେ ସଂଘଟିତ ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ମଙ୍ଗଳବାର ରେକର୍ଡ ୭୯ ଦିନ ମଧ୍ୟରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ନିଜ ରାୟରେ ଅଭିଯୁକ୍ତ ବେହେରାପାଲି ଗ୍ରାମର ମଧୁସୂଦନ ବଗର୍ତ୍ତି(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ଆଇନ୍ ଦଫା ୬୫(୨) ଓ ୬ ପୋକ୍‌ସୋ ଆଇନ୍‌ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରଦଣ୍ଡରେ ଦଣ୍ଡିତ କରିଛନ୍ତି।

ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ ୨୦୨୫ ନଭେମ୍ବର ୨୯ ତାରିଖ ସନ୍ଧ୍ୟାରେ ଧମା ଥାନା ଅଞ୍ଚଳର ୧୦ ବର୍ଷୀୟା ବାଳିକା ଘରପାଖ ଦୋକାନକୁ କୁରକୁରେ କିଣିବାକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ଅଭିଯୁକ୍ତ ମଧୁସୂଦନ ପୀଡ଼ିତାଙ୍କୁ ନିଜ ଘରକୁ ଟେକି ନେଇ ବଳାତ୍କାର କରି ସେଠାରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଘରକୁ ଫେରି ପରିବାର ଲୋକଙ୍କୁ ତାଙ୍କ ସହିତ ଘଟିଥିବା ଘଟଣା ସମ୍ପର୍କରେ କହିଥିଲେ। ଏହାଶୁଣି ପରିବାର ଲୋକେ ତା'ପରଦିନ ସକାଳେ ଧମା ଥାନାରେ ଏନେଇ ଏତଲା ଦେଇଥିଲେ। ପୀଡ଼ିତାଙ୍କ ବୟାନ ରେକର୍ଡ କରି ଧମା ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୬୫(୨) ଓ ୬ ପୋକ୍‌ସୋ ଆଇନ୍‌ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଡିସେମ୍ବର ୧ରେ ଅଭିଯୁକ୍ତ ମଧୁସୂଦନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୦୨୬ ଜାନୁଆରୀ ୨୧ରେ ଚାର୍ଜଶିଟ୍ ଦାଖଲ ପରେ ୨୯ରୁ ପୋକ୍‌ସୋ ଅଦାଲତରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ମାମଲାକୁ ଅଦାଲତରେ ସରକାରଙ୍କ ପକ୍ଷରୁ ଓକିଲ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

## ଗଞ୍ଜେଇ ଚାଲାଣ, ୩ ଗିରଫ

**ସମ୍ବଲପୁର,୧୭।୨(ପ୍ରମୋଦ ବହିଦାର)**

ଧନୁପାଲି ଥାନା ପୋଲିସ ଚାଲାଣ ବେଳେ ୨୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥନା ସୁନାପାଲିର ଅଜିତ ଲାକ୍ରା, ନରେଶ ଓରାମ୍ ଓ ମହମ୍ମଦ ମୁସ୍ତାଫା ଓରଫ ଭୁଜାଲି। ସେମାନେଏକ ଧଳା ଜରିରେ ଗଞ୍ଜେଇ ନେଉଥିଲେ। ଏ ନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୬୩/୨୬)ରୁଜୁ କରି ପୋଲିସ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସକାଳେ କନଭେଣ୍ଟ-ଡିୟରପାର୍କ ରାସ୍ତାରେ ଏକ ଧଳା ଜରିବ୍ୟାଗ ଧରି ସନ୍ଦିଗ୍ଧ ଅବସ୍ଥାରେ ଉପରୋକ୍ତ ୩ଅଭିଯୁକ୍ତ ଛିଡ଼ା ହୋଇଥିବା ସମ୍ପର୍କରେ ପୋଲିସକୁ ଖବର ମିଳିବାପରେ ସ୍ୱତନ୍ତ୍ର ଦଳ ସେଠାରେ ପହଞ୍ଚି ଥିଲା। ଚଢ଼ାଉ ବେଳେ ଜରିବ୍ୟାଗରେ ଗଞ୍ଜେଇ ଥିବା ଜଣା ପଡ଼ିବା ପରେ ପୋଲିସ ସେମାନଙ୍କୁ ପୋଲିସ ଗିରଫ କରିଥିଲା।

# ବିଦ୍ୟା ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ସମ୍ବଲପୁର,୧୭।୨(ବି.ଶଙ୍କର)**


ହର୍ଷବର୍ଦ୍ଧନ ମଲ୍ଲିକ।

**ଜେଇଇ ମେନ ପରୀକ୍ଷା ଫଳ ପ୍ରକାଶିତ**

**■ହର୍ଷବର୍ଦ୍ଧନ ମଲ୍ଲିକ ୯୯.୧୧ ସ୍କୁଲର ଟପ୍ପର**

ଜେଇଇ ମେନ(ମୁଖ୍ୟ) ପ୍ରବେଶିକା ପରୀକ୍ଷା ଫଳ ସୋମବାର ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ମଙ୍ଗଳବାର ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଜି. ରାମକୃଷ୍ଣଙ୍କ ସୂଚନା ଅନୁସାରେ ହର୍ଷବର୍ଦ୍ଧନ ମଲ୍ଲିକ ୯୯.୧୧% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ନବ କ୍ରିଷ୍ଣା (୯୪.୩୬), ଶ୍ଳୋକ ନନ୍ଦନ (୯୪.୨୦), ତୋଷାର ମଣି (୯୧.୨୯), ସଞ୍ଜୁ(୯୧.୨୭), ସ୍ୱରୂପାନନ୍ଦ (୯୦.୨୪) ସଫଳତା ହାସଲ କରି ସ୍କୁଲର ନାମକୁ ଶିଖରକୁ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୨ଜଣ ବିଭିନ୍ନ ବିଷୟରେ ୯୦ ପର୍ସେଣ୍ଟାଇଲରୁ ଅଧିକ ରଖି ସ୍କୁଲର ଗୌରବ ବଢ଼ାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଶିକ୍ଷକମାନଙ୍କ ପରିଶ୍ରମ ଓ ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟ ଏବଂ ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି । ବିଦ୍ୟା ବିକାଶ ଗ୍ରୁପ ସିଏଓ ସଞ୍ଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିକାଶ ଅନୁଷ୍ଠାନ ପ୍ରତି ଅଭିଭାବକ ମାନଙ୍କ ଦୃଢ଼ ବିଶ୍ୱାସ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକ, ଶୁଭେଚ୍ଛୁମାନେ ଖୁସିବ୍ୟକ୍ତ କରି ବିଦ୍ୟା ବିକାଶ ଗ୍ରୁପର ଏହି ଇଣ୍ଟିଗ୍ରେଟେଡ୍ ଏକାଡେମିକ ସିଷ୍ଟମକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ପ୍ରାଯୁକ୍ତିକ ଶିକ୍ଷା ଓ ଗବେଷଣା ସୁଇଟ୍‌କୁ ସଫଳ କରିଛି

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**



ସୁଇଟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

**ସୁଇଟର ୧୭ତମ ପ୍ରତିଷ୍ଠା ଦିବସ**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ଇନଫର୍ମେଶନ ଟେକ୍ନୋଲୋଜି (ସୁଇଟ୍)ର ୧୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା ନିଜ ଅଭିଭାଷଣରେ ସୁଇଟର ୧୭ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି କହିଥିଲେ, ଗୁଣାତ୍ମକ ଶିକ୍ଷା,ଗବେଷଣା, ନୂତନ ଚିନ୍ତାଧାରା ଓ ଶୃଙ୍ଖଳାବଦ୍ଧ ପରିଶ୍ରମ ଏହି ସଂସ୍ଥାକୁ ପ୍ରତିଷ୍ଠିତ କରିପାରିଛି। ଶିକ୍ଷକମାନଙ୍କ ନିଷ୍ଠାପୂର୍ଣ୍ଣ ସେବା, କର୍ମଚାରୀଙ୍କ ନିରନ୍ତର ସହଯୋଗ ଏବଂ ଛାତ୍ରୀଛାତ୍ରଙ୍କ ପରିଶ୍ରମ ସୁଇଟ୍‌ର ଅଗ୍ରଗତିର ମୂଳଶକ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସୁଇଟର ନିରନ୍ତର ପ୍ରଚେଷ୍ଟା, ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା ଓ ଉନ୍ନତିମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରାଯୁକ୍ତିକ ଶିକ୍ଷା ଓ ଗବେଷଣା ସୁଇଟକୁ ସଫଳ କରିଛି ବୋଲି ସେ କହିଥିଲେ। ଏହା ସହିତ ଆଗାମୀ ଦନରେ ଏହି ସଂସ୍ଥା କିପରି ଉତ୍କର୍ଷର ଶିଖରକୁ ଛୁଇଁ ପାରିବ ସେ ବିଷୟରେ କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡି କାଉନସିଲ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଥିଲେ, ଆଜିର ଶିକ୍ଷା ଓ ବୃତ୍ତିଗତ ପରିବେଶ ନିରନ୍ତର ପରିବର୍ତ୍ତନଶୀଳ। ଏହାକୁ ସଫଳତାର ସହ ମୁକାବିଲା କରିବା ପାଇଁ ପାରସ୍ପରିକ ସହଯୋଗ, ସୁସମନ୍ୱୟ ଓ ନବଚେତନାମୂଳକ ପଦକ୍ଷେପ ଅତ୍ୟାବଶ୍ୟକ। ସମନ୍ୱିତ ପ୍ରୟାସ ମାଧ୍ୟମରେ ଶିକ୍ଷାକ୍ଷେତ୍ର ଉତ୍କର୍ଷର ନୂତନ ମାନଦଣ୍ଡ ସ୍ଥାପନ କରିପାରିବ ବୋଲି ସେ ଉଲ୍ଲେଖ କରିଥିଲେ।

## ତାଲୁକ ଆଇନସେବା କମିଟିର ଯୌନ ନିର୍ଯାତନା ସଚେତନତା

**କୁଚିଣ୍ଡା,୧୭।୨(ବିରଞ୍ଚି ଦର୍ଭା)**

କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ତାଲୁକ ଆଇନସେବା କମିଟି ପକ୍ଷରୁ ଯୌନ ନିର୍ଯାତନା ପ୍ରତିରୋଧ, ନିଷେଧ ପ୍ରତିକାର ଆଇନ ଏବଂ ବିଭିନ୍ନ ପ୍ରାବଧାନ ଉପରେ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ଡ. ପ୍ରଭାକର ଗାଣ୍ଡିଆ ଅଧ୍ୟକ୍ଷତା କରି ଯୌନ ନିର୍ଯାତନା ପ୍ରତିରୋଧ, ନିଷେଧ ଓ ପ୍ରତିକାର ଆଇନ ଉପରେ ସଚେତନ ହେବାକୁ କହିଥିଲେ। ଉପଜିଲାପାଳ ସରଓ୍ୱନନ ସରବନନ ସ, ବିଡିଓ ଜୟନ୍ତ କୁମାର ସାହୁ, ଅତିରିକ୍ତ ତହସିଲଦାର ଅନିମା ସୋରେନ, ଆଇନସେବା କମିଟି ସଦସ୍ୟ ଡା. ଶରତ ଚନ୍ଦ୍ର ଗୌନ୍ତିଆ, ଆଇନଜୀବୀ ସଂଘ ସଭାପତି ଅଇଁଠୁ ରାଉତ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ଏସ୍‌ଡିପିଆରଓ ଆଲୋକ ପଟେଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅନିତା ନାୟକ, ସିଡ଼ିପିଓ କାନ୍ତିକୌସୁକି ହେମ୍ରମ ଯୋଗ ଦେଇଥିଲେ।

## ପୂର୍ବତନ ଡିଆଇ ବିବେକାନନ୍ଦ ମାହାରଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**

ଜିଲାର ପୂର୍ବତନ ଜିଲା ଶିକ୍ଷା ନିରୀକ୍ଷକ ବିବେକାନନ୍ଦ ମାହାରଙ୍କ ସ୍ମୃତିରେ ଜିଲାସ୍କୁଲ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଛି। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ମଙ୍ଗଳବାର ପୂର୍ବତନଶିକ୍ଷକ ରାଧାଚରଣ ମେହେର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱରଠାରେ ସୋମବାର ତାଙ୍କର ପରଲୋକ ଘଟିଥିଲା। ୧୯୯୪ ମସିହାରୁ ୧୯୯୬ ପର୍ଯ୍ୟନ୍ତ ମାହାର ସିଏସବି ଜିଲା ସ୍କୁଲରେ ପ୍ରଧାନଶିକ୍ଷକଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ସମ୍ବଲପୁର ସମେତ ଅନ୍ୟ କେତେକ ଜିଲାରେ ଜିଲା ଶିକ୍ଷା ନିରୀକ୍ଷକଭାବେ କାର୍ଯ୍ୟ କରିଥିଲେ। ମାହାରଙ୍କ କାର୍ଯ୍ୟଶୈଳ ଉଚ୍ଚକୋଟିର ଥିଲା ବୋଲି ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ସଭାରେ ମତବ୍ୟକ୍ତ କରିଥିଲେ। ଚାକିରିରୁ ଅବସର ପରେ ମଧ୍ୟ ସେ ଶିକ୍ଷାଦାନ ସହ ଜଡ଼ିତ ଥିଲେ। ସଭାରେ ଭଗିରଥ ପ୍ରଧାନ, ହୃଷୀକେଶ ବଡେଇ, ଅଚ୍ୟୁତାନନ୍ଦ ପଟେଲ, ସିଭିଲ ନାଏକ, ସୁଷମା ଗୁରୁ, ପ୍ରତିଭା ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଶିକ୍ଷକମାନେ।

# ପ୍ରଦର୍ଶିତ ହେଲା ୫୦ ବୈଷୟିକ ପ୍ରକଳ୍ପ

**ସମ୍ବଲପୁର,୧୭।୨(ବି.ଶଙ୍କର)**

**ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ପକ୍ଷରୁ ଆନ୍ତଃ କଲେଜ ଟେକଫେଷ୍ଟ**

ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ପକ୍ଷରୁ ଆନ୍ତଃ କଲେଜ ଟେକଫେଷ୍ଟ-୨୦୨୬ ସୋମବାର ଦେବେଇପାଲିସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ସମ୍ବଲପୁର ସରକାରୀ ପଲିଟେକ୍ନିକ୍ ଏବଂ ବରଗଡ଼ ବିକାଶ ପଲିଟେକ୍ନିକ୍ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଟେକଫେଷ୍ଟରେ ୫୦ଟି ବୈଷୟିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନଙ୍କ ଅସାଧାରଣ ଦକ୍ଷତା, ନବସୃଜନ ଏବଂ ସୃଜନଶୀଳତା ଉପରେ ଆଲୋକପାତ କରାଯାଇଥିଲା। ପ୍ରକଳ୍ପଗୁଡ଼ିକ ବାସ୍ତବ ବିଶ୍ୱ ସମସ୍ୟାର ବ୍ୟବହାରିକ ସମାଧାନ ପ୍ରଦର୍ଶନ କରିଥିଲା, ଯାହା ଅଂଶ ଗ୍ରହଣକାରୀଙ୍କ ଦୃଢ଼ ବୈଷୟିକ ଜ୍ଞାନ ଏବଂ ଗବେଷଣାମୁଖୀ ଆଭିମୁଖ୍ୟକୁ ପ୍ରତିଫଳିତ କରିଥିଲା। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସିନିୟର ମ୍ୟାନେଜର ବିଶ୍ୱଜିତ ଲେଙ୍କା, ସ୍ଥପତି, ନିର୍ମାତା ଏବଂ ବିକାଶକାରୀ ଗିରଧର ଅଗ୍ରୱାଲ, ସ୍ଥପତି ରାଜେଶ ଅଗ୍ରୱାଲ, ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ସହାୟକ ପ୍ରଫେସର ଡ. ଆଦିତ୍ୟ ହୋତା ବିଚାରକଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ସୂକ୍ଷ୍ମଭାବେ ମୂଲ୍ୟାଙ୍କନ କରିଥିଲେ ଏବଂ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ବୈଷୟିକ ଦକ୍ଷତା, ମୌଳିକତା ଏବଂ ଉପସ୍ଥାପନା ଦକ୍ଷତା ପାଇଁ ପ୍ରଶଂସା କରିଥିଲେ। ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ସଚିବ ସଞ୍ଜିବ ଅଗ୍ରୱାଲ ଛାତ୍ରୀଛାତ୍ରମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ନିର୍ଦ୍ଦେଶକ ଏ. ରାଜ ଶେଖର ସିହ୍ନା ଛାତ୍ରୀଛାତ୍ରମାନଙ୍କୁ ଉତ୍କର୍ଷତା ହାସଲ କର ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ।


ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ପକ୍ଷରୁ ଆନ୍ତଃ କଲେଜ ଟେକଫେଷ୍ଟରେ ଅତିଥି ଓ ବିଚାରକମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୪୫୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

## ଓଡ଼ିଶା ପୋଲିସର ଅପରେଶନ ସାଇବର କବଚ

### ୩୩ ନୂତନ ସାଇବର ମାମଲା ରୁଜୁ

କଟକ,୧୭।୨(କାର୍ତ୍ତିକ ସାହୁ)

ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି 'ଅପରେଶନ ସାଇବର କବଚ' ଅଭିଯାନ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ମାତ୍ର ୩ ଦିନରେ ରାଜ୍ୟରେ ମୋଟ ୩୪୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏନେଇ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, 'ଅପରେଶନ ସାଇବର କବଚ' ଅଭିଯାନରେ କେନ୍ଦୁଝର ଜିଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲା ପୋଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ପୁରୀ ଜିଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ନବରଙ୍ଗପୁର ଜିଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣଙ୍କୁ ନୋଟିସ ଜାରି କରିଛି। ସେହିପରି ବରଗଡ଼ ଜିଲା ପୋଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ, କଳାହାଣ୍ଡି ଜିଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ କରିଛି। ସେହିପରି ରାୟଗଡ଼ା ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ ଜାରି କରିଛି। କୋରାପୁଟ ଜିଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ ଜାରି କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲାର ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର ଟିମ୍‌ଗୁଡ଼ିକ ସକ୍ରିୟ ସହଯୋଗରେ ଚାଲିଥିଲା। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି 'ଅପରେଶନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ନିମନ୍ତେ ଓଡ଼ିଶା ପୋଲିସ ସର୍ବଦା ଦୃଢ଼ ସଂକଳ୍ପବଦ୍ଧ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ୫ ମିନିଟ୍ ବ୍ୟବଧାନ, ଗୋଟିଏ ଗାଡ଼ିରେ ୨ ମିଲକୁ ଯାଇଛି ଧାନ

■ପଦାରେ ପଡ଼ିଲା ଧାନ କିଣାବିକା ଫଲ୍ସ ଏଣ୍ଟ୍ରି
■ଗାଡ଼ି ଗୋଟିଏ, ସ୍ୱାକ୍ଷର କରିଛନ୍ତି ୨ ଡ୍ରାଇଭର

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)


ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

| | | | |
|---|---|---|---|
| No | :44 | Date | :27-Dec-2025 05:05 PM |
| Qty(In Qtl) | :65.31 | Miller | :Shreeji Paddy Processors(M030411) |
| Agent | :BADABAUSEN(S1030704)(BARGARH) | Vehicle No | :OD17K4497 |
| Procurement Center | :KHARMUNDA(MY030712) (BARGARH) | Driver Name | :SUMANTARANA |
| Financial Year | :2025( Kharif ) | Driver Contact No | :8637253091 |

| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 160 | 65.31 |
| Total | 160 | 65.31 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:05:35

୫ଟା ୫ମିନିଟ୍‌ରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।


ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

| | | | |
|---|---|---|---|
| No | :43 | Date | :27-Dec-2025 05:00 PM |
| Qty(In Qtl.) | :83.72 | Miller | :M/S Sitaram Food(M030703) |
| Agent | :BADABAUSEN(S1030704)(BARGARH) | Vehicle No | :OD17K4497 |
| Procurement Center | :KHARMUNDA(MY030712) (BARGARH) | Driver Name | :JAYANTASAHU |
| Financial Year | :2025( Kharif ) | Driver Contact No | :9692637682 |

| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 185 | 83.72 |
| Total | 185 | 83.72 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:08:04

ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (District Manager Copy)

୫ଟାରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ନୂଆ ନୁହେଁ। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଏହି ଜିଲାରେ ଏହା ସାଧାରଣରେ ପରିଣତ ହୋଇଛି। ମିଲର୍ସଙ୍କ ଇଚ୍ଛାରେ ଧାନକିଣା କଟନୀଛଟନୀଠାରୁ ଆରମ୍ଭ କରି ଅଭାବୀବିକ୍ରି, ବିଭାଗୀୟ କର୍ମଚାରୀଙ୍କୁ ବେପାରୀମାନେ ହାତଗୁଞ୍ଜା ଦେଇ ସ୍ଲିପ୍ କାଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଫଲ୍ସ ଏଣ୍ଟ୍ରି କରୁଥିବା ଅଭିଯୋଗ ଦୀର୍ଘଦିନରୁ ହୋଇ ଆସୁଛି। ତେବେ ଧାନ କିଣାବିକାରେ ଚାଲିଥିବା ଏଭଳି ଫଲ୍ସଏଣ୍ଟ୍ରିର ଏକ ପ୍ରମାଣ ତଥା ଏଥିପାଇଁ ହୋଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ନୂଆ କୌଶଳ ମଙ୍ଗଳବାର ପଦାକୁ ଆସିଛି। ମଣ୍ଡି(ଧାନକ୍ରୟ କେନ୍ଦ୍ର)ରୁ ଧାନ କିଣାଯିବା ପରେ କଷ୍ଟମ ମିଲିଂ ଭିତ୍ତିରେ ସମ୍ପୃକ୍ତ ଧାନକ୍ରୟ ସଂସ୍ଥା ସେହିଧାନ ଆଲଟମେଣ୍ଟ ପାଇଥିବା ସମ୍ପୃକ୍ତ ରାଇସ୍ ମିଲ୍‌କୁ ପଠାଇଥାଏ ଏବଂ ମଣ୍ଡିରୁ ଧାନ ଉଠାଣ ସମୟରେ ଧାନକ୍ରୟ ସଂସ୍ଥା ଧାନ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଧାନ ପରିବହନ କରୁଥିବା ଗାଡ଼ି ଡ୍ରାଇଭରଙ୍କୁ ଧାନ ପରିବହନ ଓ ଗ୍ରହଣ ନେଇ ଏକ ସ୍ୱୀକୃତି ପତ୍ର(ଟ୍ରାନଜିଟ୍ ପାସ୍ କମ ଏକସେପଟେନ୍ସ ନୋଟ୍) ପ୍ରଦାନ କରିଥାନ୍ତି। ଗତବର୍ଷ ଡିସେମ୍ବର ୨୭ତାରିଖ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୦୭୧୨)ରେ ୫ମିନିଟ୍ ବ୍ୟବଧାନରେ ଏଭଳି ୨ଟି ଟ୍ରାନଜିଟ୍ ପାସ୍ ଇସ୍ୟୁ କରାଯାଇଛି, ତାହା ସମସ୍ତଙ୍କୁ ଚକିତ କରିଥିବାବେଳେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ଧାନ କିଣାବିକାରେ ଚାଲିଥିବା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏଠାରେ ରହିଥିବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୧୮ତାରିଖରୁ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ଡିସେମ୍ବର ୨୭ତାରିଖ ସନ୍ଧ୍ୟା ୫ଟାରେ ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୦୭୧୨)ରେ ଏକ ଟ୍ରାନଜିଟ୍ ପାସ୍(ନଂ-୪୩) ଇସ୍ୟୁ ହୋଇଛି। ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଥିବା ସୂଚନାକ୍ରମେ ସେହିଦିନ ସନ୍ଧ୍ୟା ୫ଟାରେ ଖରମୁଣ୍ଡା ମଣ୍ଡିରୁ ଗାଡ଼ି (ନଂ-ଓଡ଼ି୧୭କେ ୪୪୯୭)ରେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଧାନ ଏକ ରାଇସ୍ ମିଲ୍ ସୀତାରାମ ଫୁଡ୍ସ(ଏମ୦୩୦୭୦୩)କୁ ଯାଇଛି। ଧାନ ପରିବହନ କରିଥିବା ଗାଡ଼ିର ଡ୍ରାଇଭର ଜୟନ୍ତ ସାହୁ ଥିଲେ ଏବଂ ତାଙ୍କ ନାମରେ ସେହି ଟ୍ରାନଜିଟ୍ ପାସ୍‌ରେ ଦସ୍ତଖତ(ସ୍ୱାକ୍ଷର) ମଧ୍ୟ ରହିଛି।

ଅନ୍ୟପଟେ ଉପରୋକ୍ତ ଟ୍ରାନଜିଟ୍ ପାସ୍ ଇସ୍ୟୁ ହେବାର ମାତ୍ର ୫ମିନିଟ୍ ପରେ ଅର୍ଥାତ୍ ୫ଟା ୫ମିନିଟ୍ ପରେ ଉକ୍ତ ମଣ୍ଡିରେ ଆଉ ଏକ ଟ୍ରାନଜିଟ୍ ପାସ୍ ଇସ୍ୟୁ ହୋଇଛି। ତେବେ ସେହି ଟ୍ରାନଜିଟ୍ ପାସ୍ ଅନ୍ୟ କୌଣସି ଗାଡ଼ିକୁ ନୁହେଁ, ଉପରୋକ୍ତ ଗାଡ଼ି(ନଂ-ଓଡ଼ି୧୭କେ ୪୪୯୭)କୁ ଇସ୍ୟୁ କରାଯାଇଛି। ଗାଡ଼ି ନମ୍ବର ତ ସମାନ ରହିଛି, ମାତ୍ର ଚତୁରତାର ସହିତ ସେଥିରେ ଟ୍ରାନଜିଟ୍ ପାସ୍ ନମ୍ବର, ଗାଡ଼ି ଡ୍ରାଇଭରଙ୍କ ନାମ, ରାଇସ୍ ମିଲ୍‌ର ନାମକୁ ବଦଳାଇ ଦିଆଯାଇ ଥିବାବେଳେ ବିକ୍ରିଧାନର ପରିମାଣ ମଧ୍ୟ ଅଲଗା ରହିଛି। ଗାଡ଼ି ନମ୍ବର ସମାନ ରହିଥିବାବେଳେ ଟ୍ରାନଜିଟ୍ ପାସ୍(ନଂ-୪୪) ରହିଛି। ସେହିପରି ଗାଡ଼ି ଡ୍ରାଇଭରଙ୍କ ନାମ ସୁମନ୍ତ ରଣା ଉଲ୍ଲେଖ କରାଯାଇ ଥିବାବେଳେ ସେହି ଗାଡ଼ିରେ ୧୬୦ପକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଶ୍ରୀ ଜୀ ପେଡ୍ଡି ପ୍ରୋସେସର୍ସ (ଏମ୦୩୦୪୧୧)କୁ ଯାଇଥିବା ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଛି। ତେବେ ଉପରୋକ୍ତ ତଥ୍ୟରୁ ଧାନ କିଣାବିକାରେ ଚାଲିଥିବା ଅନିୟମିତତାର ଅସଲି ଚିତ୍ର ପଦାକୁ ଆସି ଯାଇଛି। ସନ୍ଧ୍ୟା ୫ଟାରେ ସମ୍ପୃକ୍ତ ଗାଡ଼ି ମଣ୍ଡିରୁ ଧାନ ଉଠାଇଛି ଏବଂ ୧୮୫ ପ୍ୟାକେଟ୍ ଧାନ ପରିବହନ କରି ସୀତାରାମ ଫୁଡ୍ ରାଇସ୍ ମିଲକୁ ଯାଇଛି। ତେବେ ମଣ୍ଡିରୁ ସମ୍ପୃକ୍ତ ରାଇସ୍ ମିଲ୍‌ର ଦୂରତା ତ ଦୂରର କଥା, ୫ମିନିଟ୍‌ରେ ୧୮୫ ପ୍ୟାକେଟ୍ ଧାନ କୌଣସି ଗାଡ଼ିରେ ଲୋଡ୍ କରିବା ଏବଂ ସେହି ଧାନକୁ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌ରେ ଅନଲୋଡ୍ କରିବା ସମ୍ଭବ ନୁହେଁ। ଏହାସତ୍ତ୍ୱେ ଏଭଳି ସ୍ଥିତିରେ ସମାନ ରେଜିଷ୍ଟ୍ରେଶନ ନମ୍ବର ରହିଥିବା ସମ୍ପୃକ୍ତ ଗାଡ଼ିରେ ପୁଣି ୧୬୦ପକେଟ୍ ଧାନ ଲୋଡ୍ କରି କିଭଳି ଅନ୍ୟ ଏକ ରାଇସ୍ ମିଲ୍‌କୁ ପଠାଗଲା ଏବଂ ୫ମିନିଟ୍ ମଧ୍ୟରେ ଗାଡ଼ି ଡ୍ରାଇଭର ମଧ୍ୟ ବଦଳି ଗଲେ, ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। କେବଳ ଏହା ଏକ ଦୃଷ୍ଟାନ୍ତ ମାତ୍ର, ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି କରାଯାଇ ଅନୁରୂପ ଅନେକ ଅନିୟମିତତା ହେଉଥିବା ସ୍ଥଳେ ଯୋଗାଣ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ତଦନ୍ତ ହେଲେ ଏଭଳି ଅନିୟମିତତାର ରହସ୍ୟ ପଦାକୁ ଆସିବ ଏବଂ ଏଥିର ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀ, ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୪ ଘଣ୍ଟା ଅଟକ ରହିଲେ ତହସିଲଦାର

## ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନ ହଟହଟା

ଚାନ୍ଦବାଲି,୧୭।୨(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ନାଲୁଗୁଣ୍ଡା ପଞ୍ଚାୟତର କେତେକ ଜଳନ୍ତା ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନକୁ ମଙ୍ଗଳବାର ହଟହଟା ହେବାକୁ ପଡ଼ିଛି। ତହସିଲଦାର ଭବତୋଷ ମଲ୍ଲିକ ଦମକଳ ବାହିନୀ ଓ ପୋଲିସ ଫୋର୍ସ ସାଥିରେ ନେଇ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ୪ ଘଣ୍ଟା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ୨ଟି ଇଟାଭାଟି ଭଙ୍ଗାଯିବା ପରେ ଗ୍ରାମବାସୀ ତହସିଲଦାରଙ୍କୁ ଘେରାଉ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭାଙ୍ଗିବାକୁ ସେମାନେ ବିରୋଧ କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ଧରି ତହସିଲଦାରଙ୍କ ସମେତ ପୋଲିସ ଫୋର୍ସ ଓ ଦମକଳ ବାହିନୀଙ୍କୁ ଲୋକେ ଅଟକ ରଖିଥିଲେ। ଏହାସହ ଭଦ୍ରକ ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭଙ୍ଗାକୁ ସାଧାରଣ ଲୋକ ଓ ଇଟାଭାଟି ମାଲିକମାନେ ବିରୋଧ କରିବା ସହ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତହସିଲଦାର ଭାଙ୍ଗିବାକୁ ଦୃଢ଼ୋକ୍ତି ପ୍ରକାଶ କରିବାରୁ ଶତାଧିକ ଲୋକ ତାଙ୍କୁ ଘେରିଯାଇଥିଲେ। ଏପରିକି ଫଟୋ ଉଠାଉଥିବା ଖବରଦାତାଙ୍କ ମୋବାଇଲକୁ ଉତ୍ତେଜିତ ଲୋକେ ଛଡ଼ାଇ ନେଇଥିଲେ। ସ୍ଥାନୀୟ ସମିତିସଭ୍ୟ ଅଭୟ କୁମାର ବଳ ଓ କେତେଜଣ ନେତୃତ୍ୱ ପହଞ୍ଚି ତହସିଲଦାରଙ୍କୁ ଯେତିକି ଇଟା ତିଆରି ହୋଇଛି, ସେତିକି ପୋଡ଼ିବା ପାଇଁ ଅନୁମତି ଦେବାକୁ କହିଥିଲେ। ତହସିଲଦାର ସେଥିରେ ସହମତି ପ୍ରକାଶ କରିବା ପରେ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଅଟକ ଗାଡ଼ି ଓ ଦମକଳ ବାହିନୀକୁ ଛାଡ଼ିଥିଲେ। ଏନେଇ ତହସିଲଦାର ମଲ୍ଲିକ କହିଛନ୍ତି, ୧୧ଟି ବେଆଇନ ଇଟାଭାଟି ଭାଙ୍ଗିବାକୁ ଯାଇଥିଲେ। ୨ଟି ଭାଟି ଭାଙ୍ଗିବା ପରେ କେତେଜଣ ଇଟାଭାଟି ମାଲିକ ଯୁକ୍ତିତର୍କ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଇଟାଭାଟି ମାଲିକମାନେ ଆଉ ଇଟା ତିଆରି କରିବେ ନାହିଁ ବୋଲି ୧୦ ଦିନ ସମୟ ମାଗିଛନ୍ତି। ଏହାକୁ ଅବମାନନା କଲେ ଦଣ୍ଡିତ ହେବେ ବୋଲି କହିଛନ୍ତି।


# Classified Everyday 0674-2580101, 9692975378




## BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

## GROOM WANTED

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392




## REAL ESTATE

## SALE

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348




2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413




All types of physiotherapy and massage contact 9556924059 / 7656969134. D-3416

## LOST

ମୁଁ, ଶ୍ରୀ ସରୋଜ କୁମାର ସାହୁ, ପିତା- ଭାସ୍କର ଚନ୍ଦ୍ର ସାହୁ, ବାସିନ୍ଦା- ଗ୍ରାମ/ପୋଷ୍ଟ- ଚୋରମରା, ଥାନା- ସିଙ୍ଗଲା, ଜିଲ୍ଲା- ବାଲେଶ୍ୱର, ପିନ୍-୭୫୬୦୮୬ ଘୋଷଣା କରୁଛି ଯେ ତା୧୨।୦୧।୨୦୨୬ରିଖରେ ମୋର ପିତା ନୂଆବଜାର, ଜଳେଶ୍ୱରକୁ ଯାତ୍ରା କରୁଥିବା ସମୟରେ ଶ୍ରୀଯୁକ୍ତ ଗୋଲକ ବିହାରୀ ଦାସମହାପାତ୍ର ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ମୂଳ ଲିଙ୍କ୍ ପଞ୍ଜୀକୃତ ବିକ୍ରି କବଲା, ଦସ୍ତାବିଜ ନଂ. ୧୦୦୯୨୬୦୧୩୪୨, ତା.୨୯।୦୬।୨୦୧୬ କେଉଁଠାରେ ହଜିଯାଇଛି। ଯଦି କେହି ଉକ୍ତ ଦସ୍ତାବିଜର ସନ୍ଧାନ ପାଇଥାନ୍ତି, ଦୟାକରି ଆମ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀଯୁକ୍ତ ବିମଳ କୁମାର ସେନ୍, ମୋ. ୭୯୭୮୩୭୫୫୪୨। ଧ-୩୪୧୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Rayagada bearing No.- 110, Dtd.- 05.01.2026, I, RASMI REKHA PRADHAN, W/o.- Lt. Prabhat Pradhan residing At- R.K. Nagar, P.O./P.S./Dist.- Rayagada that I am solemnly affirm and state that my actual name is "Rasmi Rekha Pradhan" as per Aadhaar No. xxxx xxxx 8565 and Pan Card No. xxxx 690B. But my name has been wrongly mentioned as "Rakha Pradhan" in my husband's UTI mutual fund, Rayagada vide folio No. xxxx 0613 as nominee. I do hereby declared that Rasmi Rekha Pradhan, W/o.-Lt. Prabhat Pradhan and Rakha Pradhan, W/o.- Lt. Prabhat Pradhan is one and same person i.e. myself.
Deponent
Rasmi Rekha Pradhan
D-3410

I, Jogamaya Jena, W/o.- Goutam Kumar Jena, At- Ria, P.O.- Simulia, P.S.- Simulia, Dist.- Balasore, PIN- 756126, Odisha. On 12.01.2026 Court of the Executive Magistrate, Soro, affidavit No.- 84, I declare that now onwards I shall be known as Jogamaya Jena for all future purpose. D-3411

By an affidavit No. 265, sworn before the Executive Magistrate, Simulia, Balasore, dated 19.01.2026, I, Arjun Lenka resident of Kusunkharji, Bari, Simulia, Balasore declare that in my postal RPLI policy bearing No. R-OR-EA-16393 my name is recorded as Ajay Kumar Lenka instead of Arjun Lenka. Henceforth, both Arjun Lenka and Ajay Kumar Lenka is one and same person for all purposes. D-3409

By virtue of an affidavit sworn before Executive Magistrate, Loisingha, Dated- 17.02.2026, I, Sri Radhakanta Naik, S/o.- Kamal Naik of Res./ Village- Thakurapali, P.O.- Sargad, P.S.- Balangir Sadar, PIN No.- 767020 declare that I have changed the name of my son from NIBASH NAIK to SHRINIBASH NAIK. Henceforth, He shall be known as SHRINIBASH NAIK for all purposes.
Radhakanta Naik
D-3412

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଶାଶୁଙ୍କ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବୋହୂ

ନୀଳଗିରି,୧୭।୨(ପ୍ରଶାନ୍ତ ବିଶ୍ୱାଳ)


ସୁସ୍ମିତା ଜେମାଦେବୀ।

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଙ୍କ ମୃତ୍ୟୁ ଖବର ଶୁଣି ବୋହୂ ଆଖି ବୁଜିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ନୀଳଗିରି ଏନ୍‌ଏସି ୨ନଂ. ୱାର୍ଡ଼ ଅଧୀନ ଘାଟଘରସାହି ଅଞ୍ଚଳର ଉତ୍ତରା ଜେମାଦେବୀ (୮୮) ରକ୍ତହୀନତା ପାଇଁ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ରବିବାର ରାତି ୧୦ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍‌ପିଟାଲରେ ଶାଶୁଙ୍କ ନିକଟରେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ରହି ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମରଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷେ ଶାଶୁଙ୍କ ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରି ନ ପାରି ବୋହୂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ମଧ୍ୟ ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବୀରବରଙ୍କ ସହ ପୁଅ ରିତେଶ ବୀରବର, ଝିଅ ରିଚା ଜେମାଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହିସ୍ଥିତ ବାସଭବନରେ ଶେଷଦର୍ଶନ କରିବା ସହ ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ପୁଅ ରିତେଶ ମୁଖାଗ୍ନି ଦେଇଥିଲେ।


## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ
(୩୧୬- ଏ, ସହିଦ୍ ନଗର)
ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୧।୦୩।୨୦୧୬

ଦଶଟି ବରଷ ବିତି ତ ଗଲାଣି
ମନ ବୁଝୁ ନାହିଁ ଏବେ,
ସ୍ନେହ ମମତାର ଅତୁଟ ବନ୍ଧନ
ଭୁଲି ପାରୁନାହୁଁ କେବେ।
ତୁମ ଆଶୀର୍ବାଦ ସଦା ରହି ଥାଉ
ଏ ଜୀବନ ଥିବା ଯାଏ,
ପ୍ରଭୁ ଶ୍ରୀଚରଣେ ଏତିକି ବିନତି
ତୁମ ପରିବାର ଚାହେଁ।

-:ଶୋକସନ୍ତପ୍ତ:-
ପୁତ୍ରକନ୍ୟା, ବଧୂ, ଜାମାତା ଓ ପରିବାର।
ଧ-୩୩୮୬

## ଫଳ ଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା: ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ପୋଟଳ ଚାଷ କରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ମିଶ୍ରିତ ଫସଲ ଚୟନ



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ, ୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ସୂର୍ଯ୍ୟମୁଖୀ ଚାଷ



ଡ. ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ଭାରି ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରଚୁର ପରିମାଣର ଜୀବନଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମାନବ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳୀଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଏବଂ 'ଇ'ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହୋଇ ଆମ ରାଜ୍ୟର ପ୍ରାୟ ସବୁ ଜିଲାରେ ଚାଷ କରାଗଲାଣି।

**ଜଳବାୟୁ, ମୃତ୍ତିକା ଓ କିସମ**

ସୂର୍ଯ୍ୟମୁଖୀ ୮ରୁ ୩୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣାହେବା ଆବଶ୍ୟକ, ଯଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ହେଉ ନ ଥିବ କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮୦ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଅଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା, ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣୀ ଶକ୍ତି ମଧ୍ୟ ରହିଛି। ଅମ୍ଳ ମାଟିରେ ସୂର୍ଯ୍ୟମୁଖୀ ଫସଲ ଭଲ ହୋଇ ନ ଥାଏ। ବର୍ଷାଋତୁରେ ବାଲିଆ ଦୋରସା ମାଟିରେ ଏହାର ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷକରିବା ଭଲ।

**ଉନ୍ନତ କିସମ**

ସୂର୍ଯ୍ୟମୁଖୀର ଉନ୍ନତ କିସମ ହେଲା- ସନ୍‌ରାଇଜ, ମର୍‌ଡେନ୍, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏଫ୍.ଏସ୍.-୧୦୮ ଓ ଡି.ଆର୍. ୟଏଫ୍.ଏସ୍.-୧୧୩। ସଙ୍କର କିସମ ହେଲା-ବି.ଏସ୍.ଏଚ୍.-୧,

"ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ।"



କେ.ବି.ଏସ୍.ଏଚ୍.-୧, ଡି.ଆର୍. ଏସ୍. ଏଚ୍.-୧, ଏମ୍.ଏସ୍. ଏଫ୍.ଏଚ୍.-୧୭, ଏମ୍.ଏସ୍. ଏଫ୍.ଏଚ୍.-୮, ଜ୍ୱାଳାମୁଖୀ, ପି.ଏ.ସି.-୩୦୮, ପି.ଏ.ସି.-୧୦୯୧, ଏମ୍.ଏଲ୍.ଏସ୍.ଏ୍ଫ.ଏଚ୍.-୪୭, କେ.ବି.ଏସ୍.ଏଚ୍.-୪୪, ସନ୍‌ଜିନି-୮୫ ଓ ପ୍ରୋ.ସନ.-୦୯ ଆଦି।

ଅନ୍ୟପକ୍ଷରେ ମର୍‌ଡେନ୍ ଓ ଏ.ବି.ଏସ୍.ଏଚ୍.-୧ (ଅମଳ-୯୦ ଦିନ), ପ୍ରୋ.ସନ-୦୯ (ଅମଳ-୯୫ଦିନ), କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ଏମ୍.ଏସ୍. ଏଫ୍.ଏଚ୍.-୮ ଓ ଏମ୍.ଏଫ୍.ଏସ୍.ଏଚ୍.-୧୭ (ଅମଳ ୧୧୦ ଦିନ)ର କିସମରୁ ମଧ୍ୟ ଭଲ ଅମଳ ମିଳିଥାଏ। ବିଶେଷଭାବରେ ମର୍‌ଡେନ୍, ପି.ଏ.ସି.-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶା ମାଟି ପାଇଁ ବେଶି ଉପଯୋଗୀ।

**ବିହନ ବୁଣିବା ଓ ଖତସାର ପ୍ରୟୋଗ**

ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମ ବିହନ ଏକର ପ୍ରତି ୪ କି.ଗ୍ରା .ଓ ସଙ୍କର କିସମ ବିହନ ଏକର ପ୍ରତି ୨ କି.ଗ୍ରା. ଦରକାର। ମେଟାଲାକ୍ସିଲ୍ ୬ ଗ୍ରାମରେ ୧କି.ଗ୍ରା. ବିହନ ବିଶୋଧନକଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ପାଇଁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ ବା କ୍ୟାପ୍‌ଟେନ୍ କିମ୍ବା ୪ଗ୍ରାମ ଟ୍ରାଇକୋଡର୍ମାଭ ଭିରିଡେ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ର ଉକୁଣି ପୋକ ଲାଗିବା କମିଯାଏ। ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜାହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ସବୁ ଗଛ ଉପାଡ଼ି ଦିଆଯାଏ।

ଏକ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଜାନ, ୧.୯ କି.ଗ୍ରା. ଫସ୍‌ଫରସ, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା . ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷା ଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର ୨-୩ ସପ୍ତାହ ପୂର୍ବରୁ ପ୍ରୟୋଗକଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର ସହ ପିଏସ୍‌ବିର ମିଶ୍ରିତ ଜୀବାଣୁ କଲ୍‌ଚର ଗୁଣ୍ଡ ୪.୮ କି.ଗ୍ରା. ଖତ ସହ ୧:୨୫ ଅନୁପାତରେ ଗୋଳାଇ ମଞ୍ଜି ବୁଣିବା ସମୟରେ ବିହନ ପାଖରେ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହ ଅଧିକ ଅମଳ ମିଳିଥାଏ। ଜଳସେଚିତ ଫସଲରେ ଉନ୍ନତ କିସମ ପାଇଁ ଏକର ପ୍ରତି ୨୪:୨୪:୧୬ ଏନ୍‌ପିକେ ଦରକାର ହୁଏ। ଏହି ୨୪:୨୪:୧୬ କି.ଗ୍ରା. ପୋଷକ ପାଇବାକୁ ହେଲେ ଡିଏପି ୫୨ କି.ଗ୍ରା.+ୟୁରିଆ ୩୨କି.ଗ୍ରା.+ ପଟାସ୍ ସାର ୨୭କି.ଗ୍ରା. ଦିଆଯାଏ। (କ୍ରମଶଃ...)

-କୃଷି ଜିଲା ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

## ଅଳ୍ପରେ...



➤ କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

➤ ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା: ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।

➤ ଗୋରୁଙ୍କ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

➤ କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

➤ ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିକପାରନ୍ତି।

## ଡାଲି ଜାତୀୟ ଫସଲ



ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

# ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା: କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ଦିନର ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।



# ଆନ୍ଥ୍ରାକ୍ସ ରୋଗ

(ଶେଷ ଭାଗ)

**ରୋଗ ଚିହ୍ନିବା ପ୍ରଣାଳୀ :** ଆନ୍ଥ୍ରାକ୍ସ ରୋଗର ଲକ୍ଷଣ ଓ ରୋଗର ଇତିବୃତ୍ତ ଅନୁଯାୟୀ ଡଉଁରମରା ବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମର ଅଭାବଜନିତ ରୋଗ, ଯକୃତ କୃମି, ବିଦ୍ୟୁତ୍ ଆଘାତ, ବିଷାକ୍ତ ପଦାର୍ଥ ଖାଇବା ପ୍ରଭୃତିରେ ଗୋରୁ ହଠାତ୍ ମରିଯାଆନ୍ତି । ତେଣୁ ପ୍ରଥମେ ଏହି ରୋଗର ଚିହ୍ନଟ ଲକ୍ଷଣ ଅନୁସାରେ ଅନ୍ୟ ରୋଗଠାରୁ ଅଲଗା କରିବା ଉଚିତ । ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା - ପ୍ରାଣୀଙ୍କର ଜ୍ୱର ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ବୃଦ୍ଧିହେବା, ବେକର ତଳ ଅଂଶ ଫୁଲିବା, ଶରୀରର ବିଭିନ୍ନ ଦ୍ୱାରଦେଶ ଯଥା - ନାକ, ମଳଦ୍ୱାର, କାନ, ଆଖି ଆଦିରୁ ରକ୍ତ ବାହାରିବା। ଜ୍ୱର ସମୟରେ ରକ୍ତ ଗ୍ରାମସ୍ କିମ୍ବା ଜିମ୍‌ସା ଷ୍ଟେନ୍‌ରେ ଷ୍ଟେନିଂ କଲାପରେ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ଜୀବାଣୁ ଚିହ୍ନଟ କରାଯାଇଥାଏ।

**ଆସ୍‌କୋଲି ପ୍ରେସିପିଟେସନ୍ ପରୀକ୍ଷା**

ଆକ୍ରାନ୍ତ ପ୍ରାଣୀ କାନକୁ ନେଇ କ୍ଷୁଦ୍ର କରି ଗରମ କଲାପରେ ଗୋଟିଏ ଟେଷ୍ଟଟ୍ୟୁବ୍‌ରେ ଜଣା ଆଣ୍ଟିସରମ୍ ସହିତ ଏହି ମିଶ୍ରିତ ଅଂଶକୁ ତାହା ଉପରେ ରଖିଲେ ଏକ ବ୍ରାଣ୍ଡ ବା ଧଳାସ୍ତର ମଝିରେ ସୃଷ୍ଟି ହୁଏ ଏବଂ ପ୍ରାଣୀଟିକୁ ଆନ୍ଥ୍ରାକ୍ସ ହୋଇଛି ବୋଲି ଜଣାପଡ଼େ।

**ଲାସମାଇନା ପରୀକ୍ଷା :** ମୃତ ପ୍ରାଣୀର ପ୍ଲୀହା ବୃଦ୍ଧି ୨-୩ ଗୁଣରେ ହେବା ସହ ରକ୍ତ ଜମାଟ ବାନ୍ଧେ ନାହିଁ। ଅନ୍ତଃନଳୀରେ ରକ୍ତକ୍ଷରଣ ଓ ଲାଲ୍ ଦିଶେ ଏବଂ ରକ୍ତଯୁକ୍ତ ଲାଳ ଲାଗିକରି ଥାଏ । ଶରୀରର ଛାତି, ପେଟରେ ଜମାଟ ନ ବାନ୍ଧିଥିବା ରକ୍ତମିଶ୍ରିତ ପାଣି ଜମି ରୁହେ । ନାକ, ପାଟି, ମଳଦ୍ୱାର, ପ୍ରସବଦ୍ୱାରରୁ ରକ୍ତ ବାହାରେ। ମୃତଶରୀର ଲାଠି ନ ହୋଇ ଖୁବ୍ ଶୀଘ୍ର ପଚିଯାଏ । ଶରୀରର ବିଭିନ୍ନ ଅଂଶରେ ରକ୍ତଯୁକ୍ତ କ୍ଷତଚିହ୍ନ ସୃଷ୍ଟିହୁଏ ।



ଆନ୍ଥ୍ରାକ୍ସରେ ଗୋରୁ ଖୁବ୍ ଶୀଘ୍ର ମୃତ୍ୟୁବରଣ କରୁଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବ ହୁଏ ନାହିଁ। ଯଦି ପ୍ରାଣୀଟି ଆକ୍ରାନ୍ତ ହୋଇ ବଞ୍ଚିଥାଏ, ତା'ହେଲେ ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ଦ୍ୱାରା ଅନ୍ୟୂନ ୫ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଇଲେ ରୋଗ ଭଲ ହେବା ଆଶା ରହିଥାଏ । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ଯଥା- ପେନ୍‌ସିଲିନ୍, ଷ୍ଟ୍ରେପ୍‌ଟୋମାଇସିନ୍ ଦ୍ୱାରା ମଧ୍ୟ ଚିକିତ୍ସା କଲେ ସୁଫଳ ମିଳେ ।

**ରୋଗ ନିୟନ୍ତ୍ରଣ :** ଆନ୍ଥ୍ରାକ୍ସ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ଆକ୍ରମଣକରି ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ନିୟନ୍ତ୍ରଣ ପାଇଁ ସବୁପ୍ରକାର ପଦକ୍ଷେପ ନେବା ଉଚିତ। ଆକାନ୍ତ ପ୍ରାଣୀକୁ ପ୍ଲୀହାଜ୍ୱର ନ ଥିବା ସ୍ଥାନମାନଙ୍କୁ ନେବା ଉଚିତ ନୁହେଁ। ଆନ୍ଥ୍ରାକ୍ସ ପ୍ରାଦୁର୍ଭାବ ଅଞ୍ଚଳରୁ ନଡ଼ା, ପାଣି ପ୍ରଭୃତି ଆଣି ସୁସ୍ଥ ପ୍ରାଣୀଙ୍କୁ ଖୁଆଇବା ପାଇଁ ବାରଣ କରିବା ଉଚିତ । ରୋଗ ଦେଖାଦେଉଥିବା ଅଞ୍ଚଳରେ ପ୍ରାଣୀମାନଙ୍କୁ ପ୍ରତିଷେଧକ ଟିକା ଦେଇ ରୋଗକୁ ଦମନ କରିବା ଉଚିତ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରିବା ଉଚିତ । ମୃତ ପ୍ରାଣୀର ଶବକୁ ବ୍ୟବଚ୍ଛେଦ କରିବା ଉଚିତ ନୁହେଁ ଏବଂ ଏହାକୁ ମାଟିରେ ଗଭୀର ଗର୍ତ୍ତକରି ପୋତିଦେବା ଉଚତ। ପୋତିବା ସମୟରେ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ । ସଂକ୍ରମିତ ସ୍ଥାନ ବା ଗୁହାଳରେ ଫର୍‌ମାଲିନ୍, ଫିନାଇଲ୍ ଦ୍ୱାରା ବିଶୋଧନ କରାଯିବା ଉଚିତ। ଚମଡ଼ା କାରଖାନା, ସାର କାରଖାନା, ପଶମ ଓ ଲୋମ କାରଖାନାରେ ଅଲ୍‌ଟ୍ରା ଭାଉଲେଟ୍ ଲାଇଟ୍ ବା ଗାମା ବିକିରଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ।

-ଡା. ବୀରକିଶୋର ପରିଡ଼ା,
ମୋ : ୯୪୩୭୬୦୭୩୧୨



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ